



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...........

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୫ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 MARCH 2021
Vol.No. 32 ■ No. 70 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ

## ■ ପୁଣି ୬୩ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କଲା ବିଜେପି
## ■ କେନ୍ଦ୍ରମନ୍ତ୍ରୀ ବାବୁଲସୁପ୍ରିୟୋଙ୍କୁ ଟାଲିଗଞ୍ଜରୁ ପ୍ରାର୍ଥୀ କଲା ଦଳ

ପଶ୍ଚିମବଙ୍ଗ,୧୪/୦୩ (ନି.ପ୍ର): ଭାରତୀୟ ଜନତା ପାର୍ଟି ଆଜି ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ପୁଣିଥରେ ପ୍ରାର୍ଥୀ ଘୋଷଣା କରିଛି । ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜେପି ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ ମୋଟ ୬୩ ଜଣ ପ୍ରାର୍ଥୀଙ୍କ ନାଁ ତାଲିକା ଘୋଷଣା କରିଛନ୍ତି । ଯେଉଁଥିରେ ତୃତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ୨୭ ଜଣ ପ୍ରାର୍ଥୀ ରହିଥିବାବେଳେ ଚତୁର୍ଥ ପର୍ଯ୍ୟାୟ ଭୋଟ୍ ପାଇଁ ୩୬ ଜଣ ପ୍ରାର୍ଥୀ ରହିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେପି ଏଥର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଅନେକ ସାଂସଦ ଓ ଅଭିନେତାମାନଙ୍କୁ ପ୍ରାର୍ଥୀ କରିଛି । ଏହି କ୍ରମରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କୁ ଦଳ ଟାଲିଗଞ୍ଜରୁ ଟିକେଟ୍ ଦେଇଛି । ସେହିଭଳି ଅଭିନେତା ଯଶଦାସଗୁପ୍ତା ଚଣ୍ଡୀତଳାରୁ, ସାଂସଦ ଲକେଟ ଚାଟାର୍ଜୀ ଚୁରଚୁରା, ଅଞ୍ଜନା ବାସୁ ସୋନାରପୁର ସାଉଥରୁ ପ୍ରାର୍ଥୀ ହୋଇଛନ୍ତି । ଏହାପୂର୍ବରୁ ଦଳ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୫୭ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା । ଅନ୍ୟପଟେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ମଧ ବିଜେପି ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । ଦଳ ୧୭ ଜଣ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ସୂଚନାଯୋଗ୍ୟ ଯେ, ତାମିଲନାଡୁରେ ଏଥର ଦଳ ୨୦ଟି ଆସନରେ ପ୍ରାର୍ଥୀ ଦେବ । ତାମିଲନାଡୁ ସହ ବିଜେପି ଆଜି ଆସାମ ବିଧାନସଭା ନିର୍ବାଚନ ପାଇଁ ମଧ ୧୭ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି ।



## କରୋନା ବିରୋଧରେ ସତର୍କ ଓ ସଚେତନ ରହି ଲଢେଇ କରିବାକୁ ପରାମର୍ଶ ଦେଲେ ନବୀନ

ଭୁବନେଶ୍ୱର,୧୪/୦୩(ନି.ପ୍ର): ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା । ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ସମସ୍ତଙ୍କ ସହଯୋଗରେ ରାଜ୍ୟରେ କରୋନା ନିୟନ୍ତ୍ରଣରେ ରହିଛି । କରୋନା ସଂକ୍ରମଣ ଦୃଷ୍ଟିରୁ ଓଡିଶା ଆଜି ଭଲ ସ୍ଥିତିରେ ରହିଛି । ଏଦିଗରେ ଆମେ ନେଇଥିବା ପଦକ୍ଷେପକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ପ୍ରଶଂସା କରିଛନ୍ତି । ଆମର ଦୈନିକ ସଂକ୍ରମଣ ଏବେ ୧୦୦ ତଳେ ରହୁଛି । ହେଲେ ସଂକ୍ରମଣକୁ ଶୂନରେ ରଖିବା ଆମର ଲକ୍ଷ୍ୟ । କିନ୍ତୁ ରୋଗ କ୍ଷେତ୍ରରେ ଆତ୍ମସନ୍ତୋଷ ଠିକ୍ ନୁହେଁ । କାରଣ ବିପଦ ଏବେ ବି ଟଳିନାହିଁ । ମହାରାଷ୍ଟ୍ର, ପଞ୍ଜାବ, ଛତିଶଗଡ, ମଧ୍ୟପ୍ରଦେଶ ଆଦି କେତେକ ରାଜ୍ୟରେ ଆଜି ସ୍ଥିତି ବିଗିଡିବାରେ ଲାଗିଛି । ମହାରାଷ୍ଟ୍ରରେ କେତେକ ଅଂଚଳରେ ଲକଡାଉନ ଏବେ ପୁଣି ଫେରିଛି । ଲକଡାଉନ ସମୟର କଷ୍ଟ ଏବେ ବି ଆମ ସ୍ମୃତିରେ ତାଜା ହୋଇ ରହିଛି । ଆମର ଅର୍ଥନୀତି, ଆମର ସାମାଜିକ ଜୀବନ ଏବଂ ପିଲାମାନଙ୍କ ପାଠପଢା ଆଦି ସବୁ କ୍ଷେତ୍ରକୁ ଏହା ଗଭୀର ଭାବରେ ପ୍ରଭାବିତ କରିଛି । ତେବେ ଆପଣମାନଙ୍କ ତ୍ୟାଗ ଓ ସହଯୋଗ ଯୋଗୁଁ ଆମ ରାଜ୍ୟ ଏବେ ସ୍ୱାଭାବିକ ଅବସ୍ଥାକୁ ଫେରିଛି । ଆମେ କେହି ଲକଡାଉନକୁ ଫେରିବାକୁ ଚାହୁଁନାହୁଁ । ଲକଡାଉନକୁ ନଫେରିବାର ଏକମାତ୍ର ବାଟ ହେଉଛି ସତର୍କତା । ଆମେ ସତର୍କ ରହିଲେ ଲକଡାଉନ ଭଳି ସ୍ଥିତି ଉପୁଜିବ ନାହିଁ । ତେବେ କରୋନା ସଂକ୍ରମଣକୁ ନେଇ ▶▶ପୃଷ୍ଠା ୭



## ସଙ୍ଗୀତ ନିର୍ଦ୍ଦେଶକ ସୁମନ୍ତ ମହାନ୍ତିଙ୍କ ହତ୍ୟା ମାମଲାର ପଂଚମ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪/୦୩ (ନି.ପ୍ର): ୨୦୦୮ ମସିହା ସଙ୍ଗୀତ ନିର୍ଦ୍ଦେଶକ ସୁମନ୍ତ ମହାନ୍ତି ହତ୍ୟା ଘଟଣାରେ ପୁଲିସ ୧୩ ବର୍ଷ ପରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ନେଇ ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କମିସନରେଟ୍ ପୁଲିସର ସ୍ପେସାଲ ସ୍କ୍ୱାର୍ଡ ଦୀର୍ଘ ୧୩ ବର୍ଷ ତଳର ଏହି ଘଟଣାରେ ବିକ୍ରମ ଆଦିତ୍ୟ ଜେନା ନାମକ ଅପରାଧୀକୁ ଗିରଫ କରିଛି । ସେ କହିଛନ୍ତି ଯେ ୧୩ ବର୍ଷ ତଳର ଏହି ହତ୍ୟା ପଛରେ ପ୍ରତିଶୋଧ ହିଁ ମୁଖ୍ୟ କାରଣ ଥିଲା । ଗିରଫ ହୋଇଥିବା ଅପରାଧୀ ଜଣକ ନିଜ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଙ୍ଗୀତ ନିର୍ଦ୍ଦେଶକ ସୁମନ୍ତ ମହାନ୍ତିଙ୍କୁ ହତ୍ୟା କରିଥିଲା । ଏଥିପାଇଁ ସେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବା ସହିତ ଅନ୍ୟମାନଙ୍କ ସହ ମିଶି ତାଙ୍କୁ ହତ୍ୟା କରିଥିଲା ଏବଂ ହତ୍ୟା କରିବା ପରେ ସୁମନ୍ତଙ୍କୁ ତାଙ୍କ ଗାଡ଼ି ଭିତରେ ହିଁ ରଖି ଦେଇଥିଲା ।

## ସ୍ୱାଭିମାନ ଅଂଚଳରେ ଯବାନ-ମାଓବାଦୀ ଗୁଳିବିନିମୟ, ବହୁ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି ୧୪/୦୩ (ନି.ପ୍ର): ସ୍ୱାଭିମାନ ଅଂଚଳରେପୋଲିସ-ମାଓବାଦୀ ଗୁଳି ବିନିମୟ ହୋଇଛି । ସ୍ୱାଭିମାନ ଅଂଚଳ ପିପଲିପଦର ଜଙ୍ଗଲରେ ଗୁଳି ବିନିମୟହୋଇଥିବା ନେଇ ସୂଚନା ମିଳିଛି । ପିପଲିପଦର ଜଙ୍ଗଲରେ ମାଓବାଦୀମାନେ ଏକ କ୍ୟାମ୍ପ କରିଥିବା ନେଇସୂଚନା ମିଳିଥିଲା । ସୂଚନା ଅନୁସାରେ ଏସଓଜି ଓ ଡିଭିଏଫ୍ ଯବାନ କମ୍ବିଂ ଅପରେସନ୍ ଆରମ୍ଭ କରିଥିଲେ । ସୁରକ୍ଷାକର୍ମୀ ଆସିବା ଦେଖି ମାଓବାଦୀ ଗୁଳିଚାଳନା କରିଥିଲେ । ଯାହାର କଡ଼ା ଜବାବ ଦେଇଛନ୍ତି ଯବାନ ।ପ୍ରାୟ ଦୁଇ ଘଂଟାରୁ ଊର୍ଦ୍ଧ୍ୱ ସମୟ ଧରି ଉଭୟ ପକ୍ଷରୁ ଗୁଳିବିନିମୟ ହୋଇଥିବା ଜଣାପଡିଛି । ମାଲକାନଗିରିକୋରାପୁଟ ଓ ବିଶାଖାପାଟଣା ଡିଭିଜନର ଶତାଧିକ ନକ୍ସଲ ସେଠାରେ ଉପସ୍ଥିତ ରହିଥିବା ମାଲକାନଗିରି ଏସପିରିଶିକେଷ ଖିଲାରୀ ସୂଚନା ଦେଇଛନ୍ତି । ଘଟଣାସ୍ଥଳରୁ ସୁରକ୍ଷାବାହିନୀ ବିପୁଳ ପରିମାଣର ମାଓ ସାମଗ୍ରୀଜବତ କରିଛନ୍ତି ।

## ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୪୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଓଡ଼ିଶାବାସୀଙ୍କର ନିଧି ସମର୍ପଣ

ଭୁବନେଶ୍ୱର,୧୪/୦୩(ନି.ପ୍ର): ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଆରମ୍ଭ କରା ଯାଇଥିବା ନିଧି ସମର୍ପଣ ଅଭିଯାନରେ ଓଡିଶା ବାସୀ ମାନେ ୪୨କୋଟି ଟଙ୍କାରୁ ଅଧିକ ରାଶି ନିଧି ସମର୍ପଣ କରିଛନ୍ତି । ଓଡିଶାବାସୀଙ୍କର ଏଭଳି ଉତ୍ସାହପ୍ରଦ ସହଯୋଗ ପାଇଁ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ▶▶ପୃଷ୍ଠା ୭

## କଶ୍ମୀର ଘାଟିରେ ଏବେ ବି ପ୍ରାୟ ୨୦୦ରୁ ଅଧିକ ଆତଙ୍କବାଦୀ ସକ୍ରିୟ : କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ





ନୂଆଦିଲ୍ଲୀ,୧୪/୦୩: ସେନାର ନିୟମିତ ଅପରେସନ ସତ୍ତ୍ୱେ କଶ୍ମୀର ଘାଟିରେ ଏବେ ବି ପ୍ରାୟ ୨୦୦ରୁ ଅଧିକ ଆତଙ୍କବାଦୀ ସକ୍ରିୟ ଅଛନ୍ତି । ସୀମା ସେପଟେ ଥିବା ଲଞ୍ଚ୍ ପ୍ୟାଡରେ ଆଉ ପ୍ରାୟ ୨୫୦ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି ବୋଲି ଜମ୍ମୁ ଓ କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ କହିଛନ୍ତି । ସେ କହିଛନ୍ତି ଯେ ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବାକୁ ପଡ଼ୋଶୀ ଦେଶର ଉଦ୍ୟମ ଜାରି ରହିଛି । କିନ୍ତୁ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିବାକୁ ଭାରତୀୟ ସୁରକ୍ଷା ବାହିନୀ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି । ଗତ ବର୍ଷ ପରି ଏବର୍ଷ ମଧ ଆତଙ୍କବାଦୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବ । ଆସନ୍ତା ଜୁନ ୨୮ରୁ ଆରମ୍ଭ ହେଉଥିବା ଅମରନାଥ ଯାତ୍ରା ସମ୍ପର୍କରେ ସେ କହିଛନ୍ତି ଯେ ଏହି ଯାତ୍ରା ଯେପରି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୁଏ ସେଥିଲାଗି ପୋଲିସ ସବୁ ପ୍ରକାରର ପ୍ରସ୍ତୁତି କରିବ । କିଛିଦିନ ତଳେ ଏକ ଗୁଇନ୍ଦା ରିପୋର୍ଟ ଆସିଥିଲା ଯେ, ପ୍ରାୟ ୮୦ ଜଣ ଆତଙ୍କବାଦୀ ଖାଇବର ପଖତୁନଖ୍ୱାଠାରେ ଥିବା ଗାରି ହବିବୁଲ୍ଲା ଆତଙ୍କବାଦୀ ତାଲିମ କ୍ୟାମ୍ପରେ ଗତ ଜାନୁଆରି ଶେଷ ସପ୍ତାହରୁ ତାଲିମ ନେଉଛନ୍ତି । ତାଲିମ ଶେଷ ହେବା ପରେ ସେମାନଙ୍କୁ ଭାରତକୁ ଅନୁପ୍ରବେଶ ପାଇଁ ପଠାଯିବ । ଯାହାକୁ ନେଇ ଭାରତରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।

## ଶ୍ରୀମନ୍ଦିରର ବିକାଶ ପାଇଁ ସମର୍ପଣ ନିଧି ସଂଗ୍ରହ ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ଆହ୍ୱାନ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବେନଶ୍ୱର,୧୪/୦୩ (ନି.ପ୍ର): ପୁରୀ ଶ୍ରୀମନ୍ଦିରର ବିକାଶ ପାଇଁ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଦିଗ୍‌ଦର୍ଶନର ସମର୍ପଣ ନିଧି ସଂଗ୍ରହ ଅଭିଯାନକୁ ବଡ ଜନଆନ୍ଦୋଳନର ରୂପ ଦେବା ପାଇଁ ଆଲୋଚନା କରିବା ଏବଂ ଏଥିରେ ସମଗ୍ର ହିନ୍ଦୁ ସମାଜ ବିଶେଷ ଭାବରେ ସାଢେ ୪ କୋଟି ଓଡିଆଙ୍କ ଶ୍ରମ ଓ ଆର୍ଥିକ ଯୋଗଦାନ ନିମନ୍ତେ ବିଚାରବିମର୍ଷ କରିବା ପାଇଁ ରବିବାର ବିଶ୍ୱ ଓଡ଼ିଆ ସମୁଦାୟଙ୍କ ସହ ଭିଡିଓ କନଫେରନ୍ସିଂ ଜରିଆରେ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉଲ୍ଲେଖନୀୟ ଯେ, ଏହି ଆଲୋଚନାରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ସାମିଲ ହୋଇ ଶ୍ରୀମନ୍ଦିର ବିକାଶ ପାଇଁ ଆଗେଇ ଆସିବାକୁ ସମଗ୍ର ହିନ୍ଦୁ ▶▶ପୃଷ୍ଠା ୭



## ହୋଲଡିଂ ଟ୍ୟାକ୍ସ ଆଦାୟ ପାଇଁ ସାର୍ଟିଫିକେଟ୍ କେସ୍

ଭୁବନେଶ୍ୱର,୧୪/୦୩ (ନି.ପ୍ର): ବର୍ଷ ବର୍ଷ ଧରି ହୋଲଡିଂ ଟ୍ୟାକ୍ସ ଦେଇନଥିବା ବ୍ୟକ୍ତିବିଶେଷ ସହ ଅନୁଷ୍ଠାନମାନଙ୍କ ଠାରୁ ଏହି ଟ୍ୟାକ୍ସ ଆଦାୟ ପାଇଁ ଓପିଡିଆର୍ ଆକ୍ଟ ଅନୁସାରେ ସାର୍ଟିଫିକେଟ୍ କେସ୍ କରାଯିବ ବୋଲି ବିଏମ୍‌ସି ଡେପୁଟୀ କମିଶନର(ରାଜସ୍ୱ) ଶ୍ରୀମନ୍ତ ମିଶ୍ର ବିଏମ୍‌ସିର ଘର ସିଲ୍ ନିର୍ଦ୍ଦେଶ ଉପରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଓପିଡିଆର୍ ଆକ୍ଟରେ ସାଧାରଣ ଘରୋଇ ବ୍ୟକ୍ତିମାନେ ସାମିଲ୍ ନୁହଁନ୍ତି। ଏଥିରେ ବଡ଼ବଡ଼ ଅନୁଷ୍ଠାନ ଏବଂ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକୁ ରଖାଯାଇଛି। ଏମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକ ପରିମାଣରେ ଟ୍ୟାକ୍ସ ଅର୍ଥ ଦେଇ ନଥିବେ ସେମାନଙ୍କ ବିରୁଦ୍ଧରେ ସାର୍ଟିଫିକେଟ୍ କେସ୍ କରିବା ପାଇଁ ଜୋନାଲ ଡେପୁଟୀ କମିଶନରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ ବେଂଚଭ୍ୟାଲୁ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ଟିକସ ଆଦାୟ ପାଇଁ ଏହି ନିର୍ଦ୍ଦେଶରେ କୁହାଯାଇଛି। ଓପିଡିଆର୍ ଆକ୍ଟ କାର୍ଯ୍ୟାନୁଷ୍ଠାନ ଏକ ନିୟମିତ ପ୍ରକ୍ରିୟା। ଲଗାତାର ଭାବେ ତିନିବର୍ଷ ଦେଇନଥିବା ଟ୍ୟାକ୍ସ ପାଇଁ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଏହାଠାରୁ ଅଧିକବର୍ଷ ରଖିଥିଲେ ସାର୍ଟିଫିକେଟ୍ କେସ୍ କରାଯିବ ବୋଲି ସ୍ପଷ୍ଟିକରଣରେ କୁହାଯାଇଛି।

## ଯାଆଁଳା ଫାଣ୍ଡି ପରିସରରେ ଗାଡି ଭିତରୁ ନରକଙ୍କାଳ ମିଳିବା ଘଟଣା
## ପରିଚୟ ଖୋଜିବା ପାଇଁ ସ୍କେଚ୍ ତିଆରି କରିବ ପୋଲିସ

ଭୁବନେଶ୍ୱର,୧୪/୦୩ (ନି.ପ୍ର): ଯାଆଁଳା ଫାଣ୍ଡି ପରିସରରେ ଏକ ସିଜ ଗାଡିରୁ ମିଳିଥିବା କଙ୍କାଳର ପରିଚୟ ଖୋଜିବ ପୋଲିସ । ଏଥିପାଇଁ ଜବତ କଙ୍କାଳର ସ୍କେଚ ତିଆରି ହେବ । ସେହିପରି ଖପୁରୀ ଓ କଙ୍କାଳର ଫଟୋ ହାଇଦ୍ରାବାଦ ପଠାଯିବ ବୋଲି ଜଣାପଡିଛି । ତେବେ ଏହି ଘଟଣା ପୋଲିସ ଉପରେ ସନ୍ଦେହକୁ ବଢାଇ ଦେଇଛି । ୨୦୧୯ରୁ ସିଜ୍ ଗାଡିଟି ପୋଲିସ ଫାଣ୍ଡି ପରିସରରେ ଥିଲେ ମଧ ଏଥିରେ କାହାରି ମୃତଦେହ ଥିବା କେହି ଜାଣିପାରିଲେ ନାହିଁ କିପରି, ତାକୁ ନେଇ ସନ୍ଦେହ ଉଠୁଛି । କେବଳ ଫାଣ୍ଡି ଅଧିକାରୀଙ୍କୁ ନିଲମ୍ବିତ କରିଦିଆଯାଇଛି । ହେଲେ ପ୍ରଶ୍ନ ଉଠୁଛି, ରାଜଧାନୀରୁ ମୁଣ୍ଡ ବିହୀନ ମୃତଦେହ ମିଳିବା ଘଟଣାରେ କମିଶନରେଟ ପୋଲିସ ଯେଉଁ ତତ୍ପରତା ଦେଖାଇଥିଲା, କଙ୍କାଳ ମିଳିବା ଘଟଣାରେ ସେହି ତତ୍ପରତା କାହିଁକି ପ୍ରକାଶ କଲାନାହିଁ । ବିଶେଷ କରି ତତକାଳୀନ ପୋଲିସ କମିଶନର ଯେତେବେଳେ ମୁଣ୍ଡ ବିହୀନ ମୃତଦେହ ବାବଦରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଉଥିଲେ, ଏହି ପ୍ରସଙ୍ଗରେ ପଦୁଟିଏ ମଧ କହିନଥିଲେ କାହିଁକି ? ଫେବ୍ରୁଆରୀ ୧୨ ତାରିଖରୁ ସିଜ ଗାଡିରୁ କଙ୍କାଳ ମିଳିଥିଲେ ମଧ ଏନେଇ ବରିଷ୍ଠ ଅଧିକାରୀମାନେ ଚୁପ ଥିଲେ କାହିଁକି ?

## ଟ୍ରକ୍‌ରେ ଲିଫ୍ଟ ଦେଇ ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ : ଦୁଇ ଗିରଫ

କେନ୍ଦୁଝର, ୧୪ ମାର୍ଚ୍ଚ (ହି.ସ.)- କେନ୍ଦୁଝର ଜିଲ୍ଲା ବଡ଼ବିଲ ପୋଲିସ ଷ୍ଟେସନ ଅନ୍ତର୍ଗତ ଭଦ୍ରାସାହି ଗ୍ରାମରେ ମହିଳାଙ୍କୁ ଗଣଦୁଷ୍କର୍ମ ଭଳି ସଙ୍ଗିନ ମାମଲା ସାମ୍ନାକୁ ଆସିଛି । ମହିଳାଙ୍କୁ ଟ୍ରକ୍‌ରେ ଲିଫ୍ଟ ଦେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ମାମଲାରେ ଜଡ଼ିତ ଦୁଇ ଅଭିଯୁକ୍ତଙ୍କୁ ▶▶ପୃଷ୍ଠା ୭

## ବିଜେପିକୁ ଟକ୍କର ଦେବାକୁ ପ୍ରଚାର ମୈଦାନକୁ ଓହ୍ଲାଇଲେ ମମତା

ପଶ୍ଚିମବଙ୍ଗ,୧୪/୦୩ (ନି.ପ୍ର): ପଶ୍ଚିମବଙ୍ଗର ନନ୍ଦିଗ୍ରାମରେ ପ୍ରଚାର ବେଳେ ଆହତ ତୃଣମୂଳ କଂଗ୍ରେସ ସୁପ୍ରିମୋ ଘଟଣାର ୪ ଦିନ ପରେ ପ୍ରଚାର କମାଣ ସମ୍ଭାଳିଛନ୍ତି । ହ୍ୱିଲ ଚେୟାରରେ ବସି ଶହ ଶହ ଦଳୀୟ କର୍ମୀଙ୍କ ସହ କୋଲକାତାରେ ରୋଡ କରିଛନ୍ତି ମମତା ବାନାର୍ଜୀ । ଦଳର ବରିଷ୍ଠ ନେତାଙ୍କ ସହ କୋଲକାତାର ମାୟାରୋଡରୁ ହାଜରା ମୋଡ ଯାଏଁ ପ୍ରାୟ ୫ କିମି ଲମ୍ବ ରୋଡ ସୋରେ ସାମିଲ ହୋଇଥିଲେ ଦିଦି । ହାଜରା ମୋଡରେ ସମାବେଶକୁ ସମ୍ବୋଧନ କରି ମମତା କହିଛନ୍ତି, ହ୍ୱିଲ ଚେୟାରରେ ଭଙ୍ଗା ଗୋଡ ସହ ପ୍ରଚାର କରିବି । ଏକ ଘାଇଲା ବାଘ ସବୁଠୁ ଭୟଙ୍କର ବୋଲି କହିଛନ୍ତି ଟିଏମସି ମୁଖିଆ । ରାଲି ପୂର୍ବରୁ ମମତା ଟୁଇଟ କରି ଲେଖିଥିଲେ, ଏବେ ବି ଭୀଷଣ କଷ୍ଟ ହେଉଛି, ମୋ କଷ୍ଟ ଅପେକ୍ଷା ଲୋକଙ୍କ କଷ୍ଟ ବେଶି ଅନୁଭବ କରିହେଉଛି । ଆମ ପବିତ୍ର ଭୂମିର ସୁରକ୍ଷା ପାଇଁ ବହୁତ କଷ୍ଟ ସହିଛେ, କାପୁରୁଷ ଠାରୁ କେବେ ନଇଁବୁ ନାହିଁ । ସେପଟେ ମମତାଙ୍କ ଆଘାତ ହେବା ଏକ ଦୁର୍ଘଟଣା ବୋଲି ସ୍ପଷ୍ଟ କରିଛନ୍ତି ନିର୍ବାଚନ କମିସନ । ଅନ୍ୟପଟେ ମମତାଙ୍କ ରାଲିକୁ ନେଇ କଡା ପ୍ରତିକ୍ରିୟା ରଖିଛି ବିଜେପି । ସେପଟେ ମମତାଙ୍କ ରାଲିକୁ କାଉଂଟର କରିବାକୁ ପଶ୍ଚିମବଙ୍ଗର ଖଡଗପୁରରେ ରୋଡ ସୋ କରି ଶକ୍ତି ପ୍ରଦର୍ଶନ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ପ୍ରେମ ହରିଭବନରୁ ସମର୍ଥକ ଦଳୀୟ କର୍ମୀଙ୍କ ସହ ୫କିମି ଲମ୍ବର ରୋଡ ସୋ କରିଛନ୍ତି ବିଜେପି ଚାଣକ୍ୟ । ସେହିପରି ଆଜି ପଶ୍ଚିମବଙ୍ଗ ତୃତୀୟ ପର୍ଯ୍ୟାୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କ ସମେତ କିଛି ସାଂସଦଙ୍କୁ ବିଧାନସଭା ନିର୍ବାଚନ ମୈଦାନକୁ ଓହ୍ଲାଇଛି ଦଳ ।

## ଶିମିଳିପାଳ ସମେତ ରାଜ୍ୟରେ ଜଙ୍ଗଲ ଅଗ୍ନି ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଆୟତ୍ତାଧିନ : ଫାୟାର ଟାସ୍କ ଫୋର୍ସ

ଭୁବନେଶ୍ୱର,୧୪/୦୩ (ନି.ପ୍ର): ଆଜି ଶିମିଳିପାଳ ସମେତ ରାଜ୍ୟରେ ଜଙ୍ଗଲ ଅଗ୍ନି ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଆୟତାଧିନ ଏବଂ ନିୟନ୍ତ୍ରିତ ଅଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କ୍ରମାଗତ ଅଗ୍ନି ଦୃଷ୍ଟିଗୋଚର ହୋଇନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ତୁରନ୍ତ ଏବଂ ସକ୍ରିୟ ପଦକ୍ଷେପ ଓ ସ୍ଥାନୀୟ ସମ୍ପ୍ରଦାୟର ଜନସାଧାରଣଙ୍କର ବିଶେଷ ଓ ସମସ୍ତ ପ୍ରକାର ନିରନ୍ତର ସହାୟତା ଓ ସହଯୋଗ ଯୋଗୁଁ ରାଜ୍ୟରେ ଜଙ୍ଗଲ ନିଆଁକୁ ଆୟତାଧିନ ଏବଂ ନିୟନ୍ତ୍ରଣ କରିବା ସମ୍ଭବପର ହୋଇପାରିଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ, ଆଗାମୀ ଗ୍ରୀଷ୍ମ ପ୍ରବାହ ହେତୁ ଆରମ୍ଭ ହେବାକୁ ଥିବା ତାପମାତ୍ରାରେ ବୃଦ୍ଧି ସହିତ ଅଧିକ ବନାଗ୍ନିର ଭୟ ଥିବାର ଆଶଙ୍କାକୁ ବିଚାର କରି କ୍ଷେତ୍ର ଅଧିକାରୀମାନଙ୍କୁ ସେମାନଙ୍କ ଅଂଚଳରେ ବନାଗ୍ନିର ପ୍ରସାରକୁ ରୋକିବା ପାଇଁ ସମ୍ପୂର୍ଣ୍ଣ ସତର୍କ ଓ ସଚେତନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନି ପ୍ରଶମନ କ୍ଷେତ୍ରରେ ନିରନ୍ତର ସହାୟତା ତଥା ଅଗ୍ନି ପ୍ରଶମନ ଏବଂ ପରିଚାଳନାରେ ସ୍ଥାନୀୟ ସମ୍ପ୍ରଦାୟ/ଭିଏସ୍‌ଏସ୍ ଇଡିସି ଏବଂ ପିଆର୍‌ଆଇ ଅନୁଷ୍ଠାନଗୁଡ଼ିକୁ ଏକୀଭୂତ ସହଯୋଗ ନିମନ୍ତେ, ଜିଲ୍ଲା ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ରହିବାକୁ ଆର୍‌ସିସିଏଫ୍ ଏବଂ ଡିଏଫ୍‌ଓମାନଙ୍କୁ ପରାମର୍ଶ ଦିଆଯାଇଛି। ପିସିସିଏଫ୍ କାର୍ଯ୍ୟାଳୟର ଏଫ୍‌ଆଇଟିଜିସି ସେଲ୍ ମାଧମରେ ରାତ୍ରି ପାଟ୍ରୋଲିଂ ସମେତ କ୍ଷେତ୍ର ଅଧିକାରୀଙ୍କ ▶▶ପୃଷ୍ଠା ୭



# ଶତାଧିକ ବର୍ଷର ସଂସ୍କୃତ ମହାବିଦ୍ୟାଳୟ ଓ ସରକାରୀ ଜମି ହଡପ ମାମଲା

## ୭ ଦିନ ମଧ୍ୟାରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଅନଶନ : ନିର୍ବାଚିତ ପ୍ରତିନିଧିଙ୍କ ଭିଜିଲାନ୍ସ ତଦନ୍ତ ଦାବି

ଜଳେଶ୍ୱର,୧୪।୩ (ନି.ପ୍ର): ଜଳେଶ୍ୱର ତହସିଲ ଅନ୍ତର୍ଗତ ଜନୈକ ବ୍ୟକ୍ତିଙ୍କର ବାରମ୍ବାର ଜମି କେଲେଙ୍କାରୀ ଘଟଣା ପଦାକୁ ଆସିଛି । ସେ ବ୍ୟକ୍ତି ତହସିଲର କର୍ମଚାରୀଭାବେ ନିଜକୁ ପରିଚୟ ଦେଇ ଶାଳିକୋଠା ଗ୍ରାମରେ ଥିବା ଶତାଧିକ ବର୍ଷର ପୁରୁଣା ସଂସ୍କୃତ ବିଦ୍ୟାଳୟର କିଛି ଜମି ଓ ଗ୍ରାମର ଅନାବାଦି ସ୍ଥାନକୁ ନିଜ ନାମରେ ହାତେଇଛନ୍ତି । କେବଳ ସେ ନୁହଁନ୍ତି, ଅନ୍ୟ ବହୁଲୋକଙ୍କୁ ସରକାରୀ ଜମି ପଟ୍ଟା କରାଇଦେବାରେ ସହାୟତା କରିଛନ୍ତି । ଘଟଣାରୁ ପ୍ରକାଶ ଶାଳିକୋଠା ଗାଁର ରାଜକିଶୋର ଜେନା ନାମରେ ଜନୈକ ବ୍ୟକ୍ତି ଜଳେଶ୍ୱର ତହସିଲରେ କର୍ମଚାରୀଭାବେ କାର୍ଯ୍ୟକରୁଥିବା ପ୍ରକାଶ । ସେହି ଗାଁରେ ୧୯୧୦ ମସିହାରେ ପ୍ରତିଷ୍ଠା ହୋଇଥିବା ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ୩ଏକର ୫୦ ଡିସିମିଲ ସ୍ଥାନ ମଧ୍ୟରୁ ସେ କୌଶଳକ୍ରମେ ୫୦ ଡିସିମିଲ ହାତେଇଥିବା କଲେଜ ପକ୍ଷରୁ ଅଭିଯୋଗ ହେଇ ଆସୁଛି ଓ ଏଥିନେଇ ଏକ ମାମଲା ଜଳେଶ୍ୱର କୋର୍ଟରେ ବିଚାରାଧିନ ରହିଛି । ଏହା ବ୍ୟତିତ ବିଭିନ୍ନ ସ୍ଥାନରୁ ସରକାରୀ ଅନାବାଦି ସ୍ଥାନକୁ ସେ ହାତେଇବାରେ ସଫଳ ହୋଇଛନ୍ତି । ନିକଟରେ ସେ ଏକ ସରକାରୀ ସ୍ଥାନରୁ ବହୁ ମୂଲ୍ୟବାନ ଗଛକାଟି କାଠ ବ୍ୟବସାୟୀଙ୍କୁ ବିକ୍ରିକରି ଲକ୍ଷାଧିକ ଟଙ୍କା ହାତେଇଛନ୍ତି । ଏ ସଂପର୍କରେ ଗ୍ରାମବାସସୀଙ୍କ ପକ୍ଷରୁ ବାରମ୍ବାର ସଦର ଆର୍‌ଆଇ ଓ ତହସିଲଦାରଙ୍କ ଠାରେ ଅଭିଯୋଗ କରାଯାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଆରୁହା ପଂଚାୟତ ସଦସ୍ୟ ରାଜେନ୍ଦ୍ର ପାତ୍ର, ସରପଂଚ ହରିଶ୍ଚନ୍ଦ୍ର ଭୂୟାଁ, ଗ୍ରାମ୍ୟମୁଖ୍ୟ ତାରାପଦ ମହାନ୍ତି, ପଦ୍ମଲାଭ ସେଣ, ସନାତନ ପାତ୍ର, ମନୋଜ ବେହେରା, ନିମାଇଁ ସିଂ. ଦିବାକର ରାଉଳ. ଶଂକର ଜେନା, ଶୁଶାନ୍ତ ମିଶ୍ର, ମାନସ ମହାନ୍ତି, ବିଜୟ ଗିରି, ସତ୍ୟନନାରାୟଣ ସିଂ, ସୁଧାଂଶୁ ପାତ୍ର, କେଦାର ସିଂ, ପ୍ରଣବେଶ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି । ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୩ଏକର ୬୦ ଡିସିମିଲ ଅନାବାଦି ଜାଗାକୁ ସେ ପଟ୍ଟା କରାଇ ନେଇଥିବା ଅଭିଯୋଗ ହୋଇଛି । ୭ଦିନ ମଧ୍ୟରେ ସଂସ୍କୃତ ମହାବିଦ୍ୟାଳୟ ଓ ସରକାରୀ ଅନାବାଦୀ ଜାଗା ସଂପର୍କରେ ତଦନ୍ତ କରା ନ ଗଲେ ଗ୍ରାମବାସୀମାନେ ତହସିଲ ସମ୍ମୁଖରେ ଆମରଣ ଅନସନରେ ବସିବେ ବୋଲି ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଏପରି ଚଞ୍ଚକତା କାର୍ଯ୍ୟ ସଂପର୍କରେ ଭିଜିଲାନ୍ସ ତଦନ୍ତ ହେବାକୁ ସରପଂଚ ଓ ସଦସ୍ୟ ମୁଖ୍ୟମନ୍ତ୍ରୀଠାରେ ଦାବି କରିଛନ୍ତି ।

# ସହରରେ ବୁଲିଲା ବାଇକ ସଚେତନତା ଶୋଭାଯାତ୍ରା

ଜୟପୁର,୧୪।୩ (ନି.ପ୍ର): ପ୍ରଶାସନ ତରଫରୁ ଆଜି ସହରରେ ସଚେତନା ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଛି । ଜୟପୁର ପୌର ପରିଷଦ ସମ୍ମୁଖରେ ଏହି ବାଇକ ଶୋଭାଯାତ୍ରାକୁ ଉପ ଜିଲାପାଳ ହେମ କାନ୍ତ ସାୟ, ଏସଡିପିଓ ଅରୁପ ଅଭିଷେକ ବେହେରା ସବୁଜ ପତକା ଦେଖାଇ ଉଦଘାଟନ କରିଥିଲେ । ଏହି ବାଇକ ଶୋଭାଯାତ୍ରା ପୌର କାଯ୍ୟାଳୟ ଠାରୁ ବାହାରି ଗାନ୍ଧୀଛକ, ଏନକେଟି ରୋଡ, ରଜାନହର, ପ ।ନନ ମନ୍ଦିର ଦେଇ ମୁଖ୍ୟ ରାସ୍ତା ରେ ପର୍ହି ତହସିଲ ଅଫିସ ନିକଟରେ ପହଂଚିଥିଲେ । ଏହି ବାଇକ ଶୋଭାଯାତ୍ରା ରେ ପ୍ଲା କାର୍ଡ ଧରି ଟ୍ରାଫିକ ନିୟକ ମାନିବା, ହେଲ ମେଟ ପିନ୍ଧିବା, ଅଂଶୁଘାତରୁ କିପରି ବଂଚିବା ଆଦ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା । ବିଭିନ୍ନ ଡେମୋ ଦେଖାଇ ଲୋକଙ୍କୁ ସଚେତନତା କରାଯାଇଥିଲା । ବିଗତ ୮ ତାରିଖ ଜୟପୁର ଭିଜିଲାନ୍ସ ଅଫିସ ସମ୍ମୁଖରେ ଜୟପୁର ଦୁର୍ଘଟଣା ଘଟିଥିଲା ଏବଂ ପରବର୍ତି ସମୟରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ତେଣୁ ଯେ କୌଣସି ସ୍ଥାନରେ ଦୁର୍ଘଟଣା ଘରେ ତେବେ ଦୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ସହ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗ କରାଇବା ଏବଂ ନିଜେ ସୁରକ୍ଷିତ ରହିବା ଓ ଆଇନକୁ ହାତ କୁ ନନେବା ଆଇନ ଗତର ସାସାଯ୍ୟ ନେବାକୁ ପରାମର୍ଶ ଦେଇଛନ୍ତି । ଏହି ଶୋଭାଯାତ୍ରା ରେ ତହସିଲଦାର ପ୍ରଧାନ ଟୁଲି ଅମ୍ମା, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଥି ସହ ପୋଲିସ, ପୌର କର୍ମଚାରୀ, ସ୍ୱେଚ୍ଛାସେବିମାନେ ଉପସ୍ଥିତ ଥିଲେ ।

# ଆସନ୍ତା ୧୬ରୁ ଭିସୁଟରେ ଅଫ୍ ଲାଇନ୍ କ୍ଲାସ୍

ସମ୍ବଲପୁର,୧୪।୩ (ନି.ପ୍ର): ଆସନ୍ତା ୧୬ ତାରିଖରୁ ବୁର୍ଲା ସ୍ଥିତ ଭିସୁଟରେ ଆରମ୍ଭ ହେବାକୁ ଯାଉଛି ଅଫ୍ ଲାଇନ୍ କ୍ଲାସ୍ । ଭିସୁଟର ଅଣ୍ଡର ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଅଫ୍ ଲାଇନ୍ ମାଧ୍ୟମରେ କ୍ଲାସ୍ କରିପାରିବେ । ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସେମିଷ୍ଟାରରୁ ୧୦ ସେମିଷ୍ଟାର ପର୍ଯ୍ୟନ୍ତ ସମସ୍ତେ ପ୍ରାକ୍ଟିକାଲ୍, ସେସନ୍ କ୍ଲାସ୍, ଥିଓରି କ୍ଲାସ୍, ଡ୍ରଇଁ କ୍ଲାସ୍ ଅଫ୍ ଲାଇନ୍ ମାଧ୍ୟମରେ ଦେବା ନିମନ୍ତେ ଭିସୁଟ୍ କୁଳପତି ନିର୍ଦ୍ଦେଶ ଦେଇଛନ୍ତି । ଏନେଇ କୁଳପତି ଏକ ବିଜ୍ଞପ୍ତି ଜାରୀ କରିଛନ୍ତି ।

# ଫେରାର୍ ଅପରାଧୀଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶ

ଗଞ୍ଜାମ,୧୪।୩ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ବ୍ରହ୍ମପୁର ଏସପି ପିନାକ ମିଶ୍ରଙ୍କ ଅଧକ୍ଷତାରେ ଅପରାଧ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଟାଉନ୍ ଓ ସବଡ଼ିଭିଜନରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷ କାରି ପୁରୁଣା ମାମଲାର ତଦନ୍ତ ସମାପ୍ତ କରି ଫେରାର୍ ଅପରାଧୀଙ୍କୁ ଧରିବାକୁ ଏସପି ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ୱାରେଂଟ ଧରପଗଡ଼ ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା । ଜାମିନ୍ ରେ ଥିବା ପେଷାଦାର ଅପରାଧିଙ୍କ ଗତିବିଧି ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ସେମାନଙ୍କୁ ଥାନାରେ ହାଜର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସପି । ବର୍ତମାନ ସମସ୍ତ କାର୍ଯ୍ୟ ଡ଼ିଜିଟାଲ ପ୍ଲାଟଫର୍ମରେ ହେଉଥିବାରୁ ଥାନା ଗୁଡିକର ସମସ୍ତ ରେକର୍ଡ଼ ପତ୍ର ଅନ୍ ଲାଇନ୍ ମାଧମରେ ଅପଲୋଡ୍ କରିବାକୁ ଏସପି ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଅନୁରୂପ ଭାବେ ମହିଳା, ଶିଶୁ, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଉପରେ ମଧ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଏଏସପି ପ୍ରଭାତ କୁମାର ରାଉତରାୟ, ଏଏସପି ପ୍ରଶାନ୍ତ କୁମାର ମିଶ୍ର, ଟାଉନ୍ ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି, କ୍ରାଇମ୍ ଡିଏସପି ପ୍ରକାଶ ଚନ୍ଦ୍ର ଜେନା ଓ ଥାନା ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର

କୋରେଇ,୧୪।୩ (ନି.ପ୍ର): ପ୍ରସିଦ୍ଧ ଶୈବପୀଠ ବାବା ଲିଙ୍ଗେଶ୍ୱର ପୀଠର ଚଳିତ ବର୍ଷ ଲିଙ୍ଗେଶ୍ୱର ଉନ୍ନୟନ କମିଟି ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି । ଏହି ଅବସରରେ ଉନ୍ନୟନ କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଏହି ଶିବରକୁ ଆନୁଷ୍ଠାନିକ ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ଦୈତାରୀ ଧଳ ଉଦ୍ଘାଟନ କରିଥିବା ବେଳେ ମୋଟ ୩୮ ୟୁନିଟ ରକ୍ତ ସଂଗ୍ରହୀତ ହୋଇଛି । ସମ୍ପାଦକ ନିତ୍ୟାନନ୍ଦ ପରିଡା, ଶରତ ଚନ୍ଦ୍ର ଧଳ, ଆନନ୍ଦ ପାଳ, ବୃନ୍ଦାବନ ସାହୁ, ଭଗବାନ ସାହୁ, ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସମତେ ଶିଶୁ ମନ୍ଦିରର ଗୁରୁଜୀ/ ଗୁରୁମା ମାନେ ସହଯୋଗ କରିଥିଲେ ।

# ବଡ଼ଦାଣ୍ଡ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ପୁରୀ,୧୪।୩ (ନି.ପ୍ର): ଶ୍ରୀକ୍ଷେତ୍ରରେ ଆଜି ସକାଳେ ଆୟୋଜିତ ବଡ଼ଦାଣ୍ଡ ସଫେଇ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ବଡ଼ଦାଣ୍ଡକୁ ପ୍ରତ୍ୟେହ ସଫାସୁତରା ରଖିବା ପାଇଁ ଉପସ୍ଥିତ ଜନସାଧାରଣ ଓ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବଡ଼ଦାଣ୍ଡର ୫ଟି ଜୋନ୍ ରେ ସଫେଇ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳ ସାଢ଼େ ୬ଟା ଠାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମର୍ଥ ବର୍ମା, ଉପଜିଲ୍ଲାପାଳ ଭବତାରଣ ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଇଚ୍ଛାପୁର ହାଇସ୍କୁଲର ୧୯୭୨ ବ୍ୟାଚ୍ ପୁରାତନ ଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ସମାବେଶ

କେନ୍ଦ୍ରାପଡା ,୧୩ ମାର୍ଚ୍ଚ (ହି.ସ.) - କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଚ୍ଛାପୁର ହାଇସ୍କୁଲର ୧୯୭୨ ମସିହା ପୁରାତନ ଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ୟାମାକାଳୀ ମଣ୍ଡପରେ ଅନୁଷ୍ଠିତ ଏହି ସମାବେଶରେ ପୁରାତନ ଛାତ୍ର ସଂସଦ ସଭାପତି ଗଣେଶ୍ୱର ମେକାପ ଅଧକ୍ଷତା କରିଥିଲେ । ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତଃ ଦିଲିପ କୁମାର ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦିବଙ୍ଗତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇ ଥିଲା । ଏହି ଅବସର ରେ ଅବସରପ୍ରାପ୍ତ ଶିକ୍ଷକ ହୃଦାନନ୍ଦ ରାଉତ, ମୁରଲୀଧର ଷଡଙ୍ଗୀ, ବ୍ରହ୍ମାନନ୍ଦ ମେକାପ ଓ ନନ୍ଦ କିଶୋର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଛାତ୍ରସଂଘ ସଂପାଦକ ଗୌରାଙ୍ଗ ଚରଣ ସାହୁ , ମଥୁରାନନ୍ଦ ସାହୁ, ମକର ନାଥ, ନିରଞ୍ଜନ ଦାସ, ନବଘନ ସାହୁ, ରବିନ୍ଦ୍ରନାଥ ମେକାପ ପ୍ରମୁଖ ଛାତ୍ର ଜୀବନର ସ୍ମୃତିଚାରଣା କରିଥିଲେ । ପୁରାତନ ଚାତ୍ର ନିରଞ୍ଜନ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ ।

# କଥା ଦେଇ କଥା ରଖିଲେନି : ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଚାଷୀ ରାମକୃଷ୍ଣଙ୍କ ଧାରଣା ୨ୟ ଦିନରେ

ଭଦ୍ରକ, ୧୪ ମାର୍ଚ୍ଚ (ହି.ସ.) - ଟୋକନ ଅବଧି ସରିଗଲା ହେଲେ ଧାନ ବିକି ନ ପାରିବାରୁ ଭଦ୍ରକ ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଂଚାୟତର ପାଂଚପଡା ଗ୍ରାମର ଯୁବ ଚାଷୀ ରାମକୃଷ୍ଣ ପଣ୍ଡା ଗତ ଗତ ଫେବୃଆରୀ ୨୭ ତାରିଖରେ ଧାନ ମଣ୍ଡି ଆଗରେ ବିଷ ପାନ କରିଥିଲେ । ଯାହାକି ସାରା ଓଡିଶାରେ ହଇଚଇ ସୃଷ୍ଟି କରିଥିଲା । ସେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଉପ ଜିଲ୍ଲାପାଳ ପିତାମ୍ବର ସାମଲ , ଯୋଗାଣା ନୀରିକ୍ଷକ ରଞ୍ଜନ ସେଠ୍ ତାଙ୍କ ପାଖରେ ପହଂଚି ୭ଦିନ ମଧ୍ୟରେ ତାଙ୍କ ଧାନ କିଣା ହେବ ଏବଂ ଧାନ କିଣାରେ ଅନିୟମିତତା କରିଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏହା ମଧ୍ୟରେ ରାମକୃଷ୍ଣ ଭଲ ହୋଇ ଘରକୁ ଫେରିଥିଲେ ମଧ୍ୟ ନା ତାଙ୍କ ଧାନ କିଣା ଗଲା, ନା କାହାରି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା । ଏହାର ପ୍ରତିବାଦରେ ରାମକୃଷ୍ଣ ଗତକାଲି ଠାରୁ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି । ଆଜି ଯୋଗାଣ ଅଧିକାରୀ ଆସି କୌଣସି ପ୍ରତିଶ୍ରୁତି ଦେଇ ନ ଥିବା କଥା କହିବା ସହ ଟୋକନ ନ ଆସିବା ଯାଏଁ ଆମେ କିଛି କରି ପାରିବୁ ନାହିଁ ବୋଲି ନିଜର ଅକ୍ଷମତା ପ୍ରକାଶ କରିଥିବା ରାମକୃଷ୍ଣଙ୍କ ଭଉଣୀ ମମତା ପ୍ରକାଶ କରିଛନ୍ତି । ତେବେ ରାମଚନ୍ଦ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ସାମାନ୍ୟ ବିଗିଡିଯିବାରୁ ପ୍ରଶାସନ ପକ୍ଷରୁ ଡାକ୍ତରୀ ଦଳ ସେଠାରେ ପହଂଚି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାର ଜଣାପଡିଛି । ଏଠାରେ ସ୍ମରଣ ଯୋଗ୍ୟ ଯେ ବନ୍ଧଗାଁ ପଂଚାୟତରେ ରାମେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ଥର ଧାନ କିଣା ଦାୟିତ୍ୱ ନେଇଛି । ରାମକୃଷ୍ଣ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ନାମରେ ଆସିଥିବା ୩୨୦ କୁଇଂଟାଲ ଧାନ ବିକିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ପାଖକୁ ବାରମ୍ବାର ଦୌଡି ଦୌଡି ୧୨୦କୁଇ ।ଲ ବକାଇବାକୁ ସକ୍ଷମ ହୋଇଥିଲେ । ସେଥି ମଧ୍ୟରୁ ସରକାରୀ ଖାତାକୁ ମାତ୍ର ୫୦ କୁଇ ।ଲ ଧାନ ଉଠାଯାଇଥିଲା । ଟୋକନ କେନସଲ ହୋଇଗଲା ସତ କିନ୍ତୁ ରାମକୃଷ୍ଣ ବଳକା ଧାନ ବିକ୍ରି କରିପାରିଲେ ନାହିଁ ।ଧାର ଉଧାର କରି ଚାଷ କରିଥିବା ରାମକୃଷ୍ଣ ଶେଷରେ ମଣ୍ଡି ଆଗରେ ବିଷପାନ କରିଥିଲେ ।ଯୋଗାଣ ଅଧିକ୍ଷକ ଯଥାଶିଘ୍ର ସମସ୍ୟାର ସମାଧାନ ନ କଲେ ଭାଜପା ପୁଣି ରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ନେତା ପ୍ରଭାକର ସାମଲ ପ୍ରକାଶ କରିଛନ୍ତି ।

# ପଂଚାୟତ ପୋଖରୀରୁ ପାଣି ନ ମଡାଇଲେ ନଷ୍ଟ ହେବ ୩ ଏକର ଫସଲ

କେନ୍ଦ୍ରାପଡା,୧୪।୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବାରୋ ପଂଚାୟତର ଇତିପୁର ଗ୍ରାମର ଗୌତମ ବେହେରା ନିଜର ୩ ଏକର ଜମିରେ ଡାଲୁଅ ଧାନ ଚାଷ କରି ପାଣି ପାଇଁ ହଟହଟା ହେଉଥିବା ଜିଲ୍ଲପାଳଙ୍କୁ ନିବେଦନ କରିଛନ୍ତି । ପାଣି ଅଭାବରୁ ୩ ଏକର ଧାନ ଫସଲ ନଷ୍ଟହେବା ଆଶଙ୍କା କରି ନିକଟରେ ଥିବା ଶଙ୍କରେଶ୍ୱର ପଂଚାୟତ ପୋଖରୀରୁ ଚାଷଜମିକୁ ପାଣି ମଡାଇବା ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି । ଏହି ପଂଚାୟତ ପୋଖରୀରୁ ପ୍ରତିବର୍ଷ ପାଣି ମଡାଉଥିବା ବେଳେ ଚଳିତ ବର୍ଷ କେତେକ ବ୍ୟକ୍ତି ପାନି ମଡାଇବାକୁ ବାରଣ କରୁଥିବାରୁ ଗୌତମ ସମସ୍ୟାରେ ପଡି ଜିଲ୍ଲାପାଳଙ୍କୁ ଅନୁମତି ଲୋଡିଛନ୍ତି ।

# କନ୍ଧମାଳ ଜିଲ୍ଲାର ବାଲିଗୁଡା ଓ ଟିକାବାଲିଠାରେ ମେଗା ପାନୀୟ ଜଳ ପ୍ରକଳ୍ପ

କନ୍ଧମାଳ,୧୪।୩ (ନି.ପ୍ର): କନ୍ଧମାଳ ଜିଲ୍ଲାର ବାଲିଗୁଡା ଏବଂ ଟିକାବାଲିଠାରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏଥିପାଇଁ ଟିକାବାଲିରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଇଂ ଜ୍ଞାନେନ୍ଦ୍ର ନାୟକ,ଟିକାବାଲି କନିଷ୍ଠ ଯନ୍ତ୍ରୀ ନାରାୟଣ ନାୟକ ଓ ଏହି ପ୍ରକଳ୍ପ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ମୁମ୍ବାଇର ଜେ.ଏମ.ସି ଇନ୍ଫ୍ରା କମ୍ପାନୀର ଦାୟୀତ୍ୱରେ ଥିବା ପ୍ରକଳ୍ପ ପରିଚାଳକ ଏବଂ ମ୍ୟାନେଜର ପ୍ରମୁଖ ପ୍ରକଳ୍ପ ନିର୍ମାଣ ସ୍ଥଳରେ ଭୂମି ପୂଜନ କାର୍ଯ୍ୟରେ ଯୋଗ ଦେଇଥିଲେ । ଜିଲ୍ଲାର ଏହି ଦୁଇ ଅଂଚଳର ଲୋକଙ୍କୁ ବର୍ଷ ସାରା ୨୪ ଘଣ୍ଟା ଧରି ସ୍ୱଛ ଓ ଜୀବାଣୁ ମୁକ୍ତ ପିଇବା ପାଣି ଯୋଗାଇଦେବା ପାଇଁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୧୭୬ କୋଟି ଟଙ୍କା ବ୍ୟୟ ଅଟକଳରେ ବାଲିଗୁଡା ଓ ଟିକାବାଲି ଅଂଚଳର ୨୫ଟି ଗ୍ରାମ ପଂଚାୟତର ଲୋକଙ୍କର ସୁବିଧା ପାଇଁ ଗତ ମାସରେ ଘୋଷଣା କରିଥିଲେ । ଏହା ଦ୍ୱାରା ଟିକାବାଲି ବ୍ଲକର ୧୧ଟି ଓ ବାଲିଗୁଡା ବ୍ଲକର ୧୪ଟି ପଂାୟତ ପାଇଁ ୧୦୭ କୋଟି ଟଙ୍କା ବ୍ୟବୟ ବରାଦ କରାଯାଇଥିବା ନେଇ ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଇଂ.ସନ୍ତୋଷ କୁମାର କରଙ୍କ ସୁତ୍ରରୁ ଜଣାପପଡିଛି । ଏହି ପ୍ରକଳ୍ପ ନିର୍ମାଣ ଯୋଗୁଁ ଏହି ଉଭୟ ଅଂଚଳର ଲାକ୍ଷାଧିକ ଲୋକେ ପିଇବା ପାଣି ପାଇ ପାରିବେ ବୋଲି ସେହି ଅଂଚଳର ଲୋକଙ୍କ ସୁତ୍ରରୁ ଜଣାପଡିଛି ।

# ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଭର୍ଚୁଆଲ ବୈଠକ

କନ୍ଧମାଳ,୧୪।୩ (ନି.ପ୍ର): ଭାରତ ବର୍ଷର ଦୃତ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଗିରିରାଜ କିଶୋରଙ୍କ ଏକ ଭର୍ଚୁଆଲ ବୈଠକରେ ଯୋଗ ଦେଇଛନ୍ତି । ଦୃତ ଜନସଂଖ୍ୟା ବୃଦ୍ଧି ଦେଶ ବିକାଶରେ ପ୍ରତିବନ୍ଧକ ହେଉଛି । ପୃଥିବୀର ସ୍ଥଳଭାଗର ମାତ୍ର ୨.୪% ଭାରତରେ ରହିଥିବା ବେଳେ ପୃଥିବୀ ଜନସଂଖ୍ୟାର ୧୭% ଲୋକ ଭାରତରେ ବାସ କରୁଛନ୍ତି । ଦେଶର ଜନସଂଖ୍ୟା ୧୩୮ କୋଟି ରେ ପହଂଚି ଥିବା ଦେଶରେରେ ବିଶୁଦ୍ଧ ପାନୀୟ ଜଳ ମିଳିବା କଷ୍ଟକର ହେଲାଣି । ଜନସଂଖ୍ୟା ବୃଦ୍ଧିଯୋଗୁ ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ପର୍ଯ୍ୟାବରଣ ନଷ୍ଟ ହେଉଛି । ଚାଷ ଜମିର ଅଭାବ ପରିଲକ୍ଷିତ ହେଲାଣି । ସ୍ୱାଧିନତା ସମୟରେ ମୁଣ୍ଡପିଛା ଏକ ଏକର ଜମି ଥିବାବେଳେ ବର୍ତମାନ ପାଂଚ ଜଣରେ ଏକ ଏକର ଜମି ପଡୁଛି ।କର୍ମ ସଂସ୍ଥାନ ବିନା ବେକାରୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି ।ଜନସଂଖ୍ୟା ନିୟନ୍ତ୍ରଣ ନ ହେଲେ କୁପୋଷଣ, ଖାଦ୍ୟାଭାବ,ଗମନାଗମନରେ ଅସୁବିଧା ,ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବ । ବିଦେଶକୁ ଦାଦନ ସଂଖ୍ୟା ଖଟିବାକୁ ବଢିବ । ଯଦି ଜନ୍ମହାର ଆଶାତୀତ ବୃଦ୍ଧି ପାଏ ଆସନ୍ତା ୨୦୪୦ ମସିହା ବେଳକୁ ଦେଶର ଜନସଂଖ୍ୟା ୨ଶହ ୪୦କୋଟି ରୁ ଅଧିକ ହେବ । ସେତେବେଳେ ଏତେ ବଡ଼ ଜନସଂଖ୍ୟାକୁ ବାସଗୃହ ନିର୍ମାଣ ନିମନ୍ତେ ଜମି ଯୋଗାଇବା ଅସମ୍ଭବ ହେବ । ପାନୀୟ ଜଳ ମିଳିବ ନାହିଁ । ଜଙ୍ଗଲ ନଷ୍ଟ ହୋଇ ପର୍ଯ୍ୟାବରଣ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯିବ । କୁପୋଷଣ ବଢିବା ସାଙ୍ଗ କୁ ଖାଦ୍ୟ, ବସ୍ତ୍ର,ବାସଗୃହ ଅଭାବ ହେବ । ଅପରାଧ, ଆତଙ୍କବାଦ ପ୍ରବଳ ମାତ୍ରାରେ ବୃଦ୍ଧି ପାଇବ । ଆଗାମୀ ଦିନରେ ଭାରତ ବର୍ଷ କୁ ସୁରକ୍ଷିତ ରଖିବା ପାଇଁ ଦେଶରେ କଠୋର ଜନ୍ମ ନିୟନ୍ତ୍ରଣ ଆଇନ ପ୍ରଣୟନ କରିବାକୁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ କନ୍ଧମାଳ ଜିଲ୍ଲା ଶାଖା ତରଫରୁ ଦୃଢ଼ ଦାବି କରାଯାଉଛି । ଆଇନ ଅମାନ୍ୟକାରୀଙ୍କୁ ସମସ୍ତ ସରକାରୀ ସୁବିଧାରୁ ବଂଚିତ କରାଯିବା ସହ ସେମାନଙ୍କର ନାଗରିକତ୍ୱ ସମାପ୍ତି କରିବାକୁ ଆଇନରେ ବ୍ୟବସ୍ଥା ହେଉ । ଆଇନ ଅମାନ୍ୟକାରୀଙ୍କୁ କାରାଦଣ୍ଡର ବ୍ୟବସ୍ଥା ସାଙ୍ଗକୁ ଆର୍ଥିକ ଦଣ୍ଡର ବ୍ୟବସ୍ଥା ହେଉ ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳନ

କୋରେଇ,୧୪।୩ (ନି.ପ୍ର): ଏକ ନୂଆ ଢଙ୍ଗରେ ନିଜର ଜନ୍ମ ଦିନ ପାଳନ କରିଛନ୍ତି ପଥରପଦା ଲକ୍ଷ୍ମୀବିହାରର ରୁଦ୍ର ପତାପ ପାଢୀ । ନିଜ ଜନ୍ମ ଦିନକୁ ସେ ଅସହାୟ ଗରିବ ଲୋକଙ୍କ ଉଦ୍ଦ୍ୟେଶରେ ସର୍ମପିତ କରିଛନ୍ତି । ଜନ୍ମଦିନରେ ଅସହାୟ ବରିଷ୍ଠ ନାଗରିକଙ୍କ ମୁହଁରେ ହସ ଫୁଟାଇବାକୁ ଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ସହ ଆଦିବାସୀ ବସ୍ତିର ଗରିବ ପିଲାମାନଙ୍କୁ ପୋଷାକ ବାଂଟିଛନ୍ତି । ତାଙ୍କ ଜନ୍ମଦିନରେ ସେ ଖର୍ଚ୍ଚ କରିବାକୁ ରଖିଥିବା ଅର୍ଥକୁ ସୁବିନିଯୋଗ କରି ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ପାଲଟିଛନ୍ତି । ଭବିଷ୍ୟତରେ ଗରିବଙ୍କ ସେବାରେ ନିୟୋଜିତ ହେବାକୁ ରୁଦ୍ରଙ୍କୁ ବରିଷ୍ଠମାନେ ଆଶ୍ରୀବାଦ ପ୍ରଦାନ କରିଛନ୍ତି ।

# ମଦ ବିରୋଧି ଆନ୍ଦୋଳନ ପାଇଁ ମହିଳାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା ,୧୪।୩ (ନି.ପ୍ର): କେନ୍ଦ୍ରାପଡାର ସଂଯୋଗ ଫାଉଣ୍ଡେସନ ପକ୍ଷରୁ ନିଶା ନିବାରଣ ଓ ମଦ ବିରୋଧି ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମେଣ୍ଢପୁର ପଂଚାୟତ ରସୁଲପୁର ଗ୍ରାମର ସୁହାନା ବେଗମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ମଦ ସଂପ୍ରସାରଣ ନୀତି ଯୋଗୁଁ ବହୁ ମହିଳାଙ୍କ ଜୀବନ ଦୁଃର୍ବିସହ ହୋଇ ପଡିଥିବା ବେଳେ ଆଳି ଅଂଚଳର ଏହି ସଂଗ୍ରାମୀ ମହିଳା ଜଣକ ମଦ ବିରୋଧରେ ନିର୍ଭୟର ସହ ସଂଗ୍ରାମ ବଜାୟ ରଖି ଅନେକ ମହିଳାଙ୍କ ପାଇଁ ଆଦର୍ଶ ସ୍ଥାନୀୟ ପାଲଟିଛନ୍ତି । ତାଙ୍କର ଉତ୍ସର୍ଗୀକୃତ ସମାଜ ସଂସ୍କାର ଓ ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଯୋଗ ଫାଉଣ୍ଡେସନ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରାଯାଇ ସଂଗଠନର କର୍ମକର୍ତା ମାନେ ସମ୍ବର୍ଦ୍ଧନା ଜଣାଇବା ସହ ଏହି ଆନ୍ଦୋଳନ ଜାରି ରଖିବା ପାଇଁ ପ୍ରଶଂସା କରିଥିଲେ ।


# ସ୍ଥାନୀୟ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରଦ୍ୱାର ଖୋଲିବାକୁ ଜଗନ୍ନାଥ ସେନାର ଦାବି

ପୁରୀ,୧୪।୩ (ନି.ପ୍ର): ପୁରୀସହର ବାସୀଙ୍କ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ପ୍ରବେଶ ପାଇଁ ଅନୁମତି ଦେବାକୁ ଶ୍ରୀଜଗନ୍ନାଥ ସେନା ଦାବି କରିଛି । ଶ୍ରୀମନ୍ଦିରର ଚାରିଦ୍ୱାର ଧର୍ମ ଅର୍ଥ କାମ ମୋକ୍ଷର ପ୍ରତୀକ । ଚାରିଦ୍ୱାରରେ ବିଭିନ୍ନ ସମୟରେ ପ୍ରବେଶ କଲେ ବିଭିନ୍ନ ଧର୍ମ ଫଳ ମିଳିଥାଏ । ସ୍ଥାନୀୟ ଭକ୍ତ ଓ ଅଧିବାସୀମାନେ ଗ୍ରାମ ଦେବତା ହିସାବରେ ବିଭିନ୍ନ ପର୍ବପର୍ବାଣିରେ ଶ୍ରୀମନ୍ଦିରରୁ ଲଡୁ, ସରପୁଳି ଓ ଠାକୁରାଣୀଙ୍କ ସମର୍ପଣ ପାଇଁ ମାଳ ମାହାର୍ଦ୍ଦ ଆଣିଥାନ୍ତି । ବିବାହ ବ୍ରତ ପାଇଁ ବ୍ୟସ୍ତ ଥିବା ବେଳେ ୧୦ଟଙ୍କାର ଲଡୁ ମହାପ୍ରସାଦ ଆଣିବା ପାଇଁ ୩ଘଂଟା ଅପେକ୍ଷ କରିବାକୁ ପଡୁଥିବାରୁ ଅଧିବାସୀଙ୍କୁ ଏହା ବାଧୁଛି । କରୋନା କଟକଣା ପରେ ଧର୍ମଶାଳା, ସିନେମା ହଲ, ଷ୍ଟେସନ, ବସଷ୍ଟାଣ୍ଡ, ସମୁଦ୍ରକୂଳ, ହୋଟେଲ, ଲଜିଂ, ଜିମ୍ ଆଦି ଖୋଲୁଥିବା ବେଳେ ଶ୍ରୀମନ୍ଦିରର ଅନ୍ୟ ତିନିଦ୍ୱାର କାହିଁକି ପ୍ରବେଶ ଅନୁମତି ଦିଆଯାଉନାହିଁ ତାକୁ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ପ୍ରଶାସକଙ୍କୁ ଚେତାବନୀ ଦେଇଛନ୍ତି । ଖୁବଶୀଘ୍ର ଏହି ସମସ୍ୟା ସମାଧାନ ନହେଲେ ମୁଖ୍ୟ ପ୍ରଶାସକଙ୍କୁ ଘେରାଉ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଗତ କିଛିଦିନ ତଳେ ବଲିଉଡର ଅଭିନେତ୍ରୀ ସକାଳୁ ସିଂହଦ୍ୱାର ବାଟେ ପ୍ରବେଶ କରି ପୁଣି ସେହି ବାଟେ ଫେରିଥିଲେ । ଅଥଚ ସ୍ଥାନୀୟ ଲୋକଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ଦିଆନଯିବା ଘୋର ପରିତାପର ବିଷୟ । ସହରର ଭକ୍ତମାନେ ବିଭିନ୍ନ ସମୟରେ ଶ୍ରୀମନ୍ଦିରକୁ ଯାଇ ପ୍ରଭୁଙ୍କୁ ଦର୍ଶନ କରିଥାନ୍ତି । ବରିଷ୍ଠ ନାଗରିକମାନେ ସିଂହଦ୍ୱାର ପଟେ ବାଇଶିପାହାଚ ଚଢି ଯିବା କଷ୍ଟସାଧ ହେଉଛି । ମଙ୍ଗଳ ଆଳତୀ, ଦ୍ୱିପ୍ରହର ଧୂପ, ସନ୍ଧ୍ୟାଧୂପ, ସନ୍ଧ୍ୟା ଆଳତୀ ଓ ବଡସିଂହାର ବେଶ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଧିବାସୀମାନେ ଶ୍ରୀମନ୍ଦିରକୁ ଯାଇଥାନ୍ତି । ସିଂହଦ୍ୱାର ପଟେ ଯିବା ପାଇଁ ବ୍ୟବସ୍ଥା ହୋଇଥିବାରୁ ଅନେକ ଭକ୍ତ ଲମ୍ବା ଲାଇନ୍ ଦେଖି ଯାଉନଥିବା ଦେଖାଯାଉଛି । ରାଜ୍ୟ ସରକାର ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏଥିପ୍ରତି ତୁରନ୍ତ ଦୃଷ୍ଟି ନଦେଲେ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଗାନ୍ଧୀଜୀଙ୍କ ଓଡିଶା ଆଗମନର୧୦୦ ବର୍ଷ ପୂର୍ତ୍ତିରେ ବେରବୋଇରେ କଂଗ୍ରେସର ପଦଯାତ୍ରା

ଭୁବନେଶ୍ୱର,୧୪।୩ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତି ଏବଂ ଓଡ଼ିଶା (ଉତ୍କଳ) କଂଗ୍ରେସର ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବେରବୋଇ ଠାରୁ ଏହି ପଦଯାତ୍ରା ବାହାରି ବିଭିନ୍ନ ଗ୍ରାମ ଦେଇ ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁର ଠାରେ ସମାପ୍ତ ହୋଇଛି । ପୁରୀ ଜିଲ୍ଲା କଂଗ୍ରେସ କମିଟି ଓ ରାଜ୍ୟ ସେବାଦଳର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ସେବାଦଳର ରାଷ୍ଟ୍ରିୟ ପ୍ରଭାରୀ ଅଜିତ କୁମାର, ଶ୍ରୀମତୀ ଦୁର୍ଗା ଦାସ, ଓଡ଼ିଶା ପ୍ରଭାରୀ ଶ୍ରୀ ଜ୍ୟୋତିଷ କୁମାର ସାହୁ, ପୁରୀ ଜିଲ୍ଲା ସେବାଦଳ ମୁଖ୍ୟ ସଂଗଠକ ବିଶ୍ୱକେତନ ହରିଚନ୍ଦନ ମହାପାତ୍ର, ଏମଡି ସାହାଦୁଲ୍ଲା, କୁଳମଣି ସାହୁ ଓ ବିଭିନ୍ନ ଜିଲ୍ଲାରୁ ଆସିଥିବା ସେବାଦଳ କର୍ମକର୍ତା ଓ ଡେଲାଙ୍ଗ, ପିପିଲିର କଂଗ୍ରେସ ନେତୃବୃନ୍ଦଙ୍କ ତରଫରୁ ଉତ୍ସସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମହାତ୍ମା ଗାନ୍ଧୀଙ୍କର ପ୍ରତିମୂର୍ତିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପୁଷ୍ପମାଲ୍ୟ ଅର୍ପଣ କଲାପରେ ସେଠାରେ ଥିବା କସ୍ତୁରବା ଗ୍ରାମ ସେବା କେନ୍ଦ୍ରରେ ଛୋଟ ଛୋଟ ଶିଶୁମାନଙ୍କୁ ପାଠ୍ୟ ଉପକରଣ ବଂଟନ କରିଥିଲେ । ବେରବୋଇଠାରେ ପୁରୀ ଜିଲ୍ଲା ସଭାପତି ଅଜିତ ମଙ୍ଗରାଜଙ୍କ ସଂଯୋଜନାରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋଙ୍କ ଦ୍ୱାରା ରଚିତ ମହାତ୍ମା ଗାନ୍ଧୀଙ୍କର ଆଗମନ କଂଗ୍ରେସର ୧୦୦ ବର୍ଷ ଶିର୍ଷକ ପୁସ୍ତକକୁ ସଭାପତି ଶ୍ରୀ ପଟ୍ଟନାୟକ ଉନ୍ମୋଚନ କରିବାପରେ ବେରବୋଇ ଠାରେ କଂଗ୍ରେସର ରାଷ୍ଟ୍ରୀୟ ଅଧିବେସନ, ଗାନ୍ଧୀଜୀଙ୍କର ୭ଦିନ ରହଣି, କସ୍ତୁରିବା ଗାନ୍ଧୀଙ୍କର ଜଗନ୍ନାଥ ଦର୍ଶନ ନେଇ ଏକ ବିଷଦ ବକ୍ତବ୍ୟ ପ୍ରସାଦ ହରିଚନ୍ଦନ ପ୍ରଦାନ କରିଥିଲେ । ଏହାପରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ପଦଯାତ୍ର ଦାଣ୍ଡମୁକୁନ୍ଦପୁର ଠାରେ ପଂହଚିବା ପରେ ଜିଲ୍ଲା ସଭାପତି ଅଜିତ ମଙ୍ଗରାଜଙ୍କ ସଂଯୋଜନାରେ ଏକ ସମାପନ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ତଥା ପୁରୀ ଜିଲ୍ଲା ପ୍ରଭାରୀ ଶ୍ରୀମତୀ ବିଜୟଲକ୍ଷ୍ମି ସାହୁ, ସତ୍ୟପ୍ରକାଶ ନାୟକ, ପୂର୍ବତନ ବିଧାୟକ ବିପିନ ଦାଶ, ବରିଷ୍ଠ କଂଗ୍ରେସ ନେତା ଜ୍ଞାନଦେବ ବେଉରା, ଶୁଭେନ୍ଦୁ ମହାନ୍ତି, ଶିବାନନ୍ଦ ରାୟ, ଉମାବଲ୍ଲଭ ରଥ, ଅମୀୟ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡା, ବିଶ୍ୱଜିତ୍ ଦାଶ, ବିଶ୍ୱଭୂଷଣ ଦାଶ, ଜାନକୀ ପଟ୍ଟନାୟକ, ହଳଧର ସେଠୀ, ମାନସ ଆଚାର୍ଯ୍ୟ, ପଦ୍ମାକର ଗୁରୁ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପିସିସି ସଭାପତି ତାଙ୍କର ସମାରୋହ ଭାଷଣରେ ଓଡ଼ିଶାରେ ଓ ଦିଲ୍ଲୀରେ କିଭଳି ଭାବେ ମିଥ୍ୟାପ୍ରଚାର, ପ୍ରତିଶୃତି ଓ ପ୍ରତାରଣା ରେ ସରକାର ଚାଲିଛି ଏ ନେଇ କଟୁ ସମାଲୋଚନା କରିଥିଲେ । ଯେଉଭଳି ଭାବରେ ରାଜ୍ୟ ଏବଂ କେନ୍ଦ୍ର ସରକାର ମଧବିତ ଓ ନିମ୍ନମଧବିତ ପରିବାର ଉପରେ ମହାଙ୍ଗାର ବୋଝ ଲଦି ଦେଇଛନ୍ତି ତା ଆଗାମୀ ଦିନରେ ମହଙ୍ଗା ପଡ଼ିବ ବୋଲି ଚେତାବନି ଦେଇଥିଲେ । ଯେଉଁ ଦଳ ଏ ଦେଶର ସ୍ୱାଭିମାନ ଓ ଅଖଣ୍ଡତା ପାଇଁ ଦୀର୍ଘଦିନ ସଂଘର୍ଷ କରି ଏ ଦେଶକୁ ସ୍ୱାଧୀନତା ପ୍ରଦାନ କରିଥିଲା ସେହି ଦେଶରେ ଚାଲଥିବା ସାମ୍ପ୍ରଦାୟିକତା ଓ ଜନସାଧାରଣଙ୍କର ଅର୍ଥକୁ ଟିକସ ନାରେ ହରିଲୁଟ କରିବାର ପ୍ରୟାସ ବିରୁଦ୍ଧରେ ଓ ସମ୍ବିଧାନର ସୁରକ୍ଷା ପାଇଁ କଂଗ୍ରେସ କର୍ମୀମାନେ ବଜ୍ର ଶପଥ ନେବାପାଇଁ ଆହ୍ୱାନ ଦେଇଥିଲେ ।

# ଖରାରୁ ମୁକ୍ତି



ଗୋଟେ କାକୁଡ଼ିକୁ ଭଲ କରି ଘୋରି ଦିଅନ୍ତୁ, ସେଥିରେ ଅଳ୍ପ ଗୋଲାପ ଜଳ ମିଶାଇ ଫ୍ରିଜର ଆଇସ୍ ଟ୍ରେରେ ରଖି ଦିଅନ୍ତୁ । ଏହା ବରଫରେ ପରିଣତ ହେଲା ପରେ ଏହାକୁ ମୁହଁରେ ଘଷନ୍ତୁ, ଏହାଦ୍ୱାରା ସନବର୍ଣ୍ଣ ହେବ ନାହିଁ, ସତେଜ ମଧ ଲାଗିବ ।

ତରଭୁଜ ରସ ବାହାରକରି ଆଇସ୍ ଟ୍ରେରେ ରଖନ୍ତୁ । ବାହାରୁ ଆସିବା ପରେ ଏହି ଆଇସକୁ ମୁହଁରେ ଘସନ୍ତୁ, ସତେଜ ଲାଗିବ ।



ଛଟେ ଖଣ୍ଡେ ହଳଦୀ, ୫ଟି ଚିନାବାଦାମକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ । ଶୁଖିଗଲା ପରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ତ୍ୱଚା ଚିକ୍କଣ ହୋଇଥାଏ ।

କମଳା ଚୋପାକୁ ଶୁଖାଇ ଗୁଣ୍ଡ କରି ଦିଅନ୍ତୁ, ଗୋଟେ ଚାମଚ କମଳା ଚୋପାରେ ହଳଦୀ, ମହୁ ଓ ଗୋଲାପ ଜଳ ମିଶଶଇ ଲଗାନ୍ତୁ । ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ । ଏଥିରେ ତ୍ୱଚା ଚିକ୍କଣ ହୁଏ ।



ସନବର୍ଣ୍ଣ ହୋଇଥିଲେ ଫାଳେ ଟମାଟୋ ଉପରେ ହଳଦୀ ମିଶାଇ ଲଗାନ୍ତୁ । ହଳଦୀ ଛାଡ଼ାଇବାକୁ ଚାହୁଁଥିଲେ ଆଉ ଫାଳେ ଟମାଟୋରେ ଚିନି ଲଗାଇ ୧୫ ମିନିଟ ଘଷି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଦେଖିବେ ହଳଦୀ ଛାଡ଼ିଯିବ ।

ମସୁର ଗୁଣ୍ଡରେ ହଳଦୀ, ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ । ଏହି ପେଷ୍ଟ ଶୁଖି ଗଲାପରେ ଧୀରେଧୀରେ ମୁହଁ ସଫା କରି ଦିଅନ୍ତୁ । ମୁହଁରୁ କଳାଦାଗ ଛାଡ଼ିଯିବ ।

ବାହାରୁ ଆସିବା ପରେ ମୁହଁକୁ ପ୍ରଥମେ ୱାଇପ୍ସରେ ପୋଛନ୍ତୁ, ଦେଖିବେ ଫ୍ରେସ୍ ଲାଗିବ ।

# ସମରର ଡାଏଟ୍

## ଏହି ସବୁ ଖାଦ୍ୟକୁ କୁହନ୍ତୁ ନା’



ସାଧାରଣତଃ ଗ୍ରୀଷ୍ମ ଦିନେ ଲୋକେ ଅଧିକରୁ ଅଧିକ ଥଣ୍ଡା ଜିନିଷ ଖାଇବା ପାଇଁ ପସନ୍ଦ କରନ୍ତି । କୋଲ୍ଡ ଡ୍ରିଙ୍କ, ଶରବତ ହେଉ ଅବା ଆଇସ୍କ୍ରିମ, ଏସବୁ ଖାଦ୍ୟ ସମସ୍ତଙ୍କୁ ବେଶ ପସନ୍ଦ ଆସେ । ତେବେ ଏହି ଋତୁରେ ଖାଦ୍ୟପେୟକୁ ନେଇ ବିଶେଷ ଧ୍ୟନ ରଖିବା ଉଚିତ । ନଚେତ ଟିକିଏ ଅସାବଧାନତା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଭୟଙ୍କର ବିପଦ ଆଣିପାରେ । ତା’ହେଲେ ଏହି ଦିନେ ଆପଣ କେଉଁ ସବୁ ଜିନିଷ ଖାଇବା ଉଚିତ୍ ନୁହେଁ, ଆସନ୍ତୁ ଜାଣିବା ।

ପୋଡ଼ା ମାଂସ: ଗ୍ରୀଲ୍ଡ ବା ପୋଡ଼ା ମାଂସ ଅଧିକ ତାପମାତ୍ରାରେ ରୋଷେଇ ହୁଏ । ଅଧିକ ନିଆଁରେ ରୋଷେଇ କରାଯାଉଥିବା ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଏପରିକି ଏହି ଖାଦ୍ୟ କ୍ୟାନ୍ସର ଭଳି ମାରାତ୍ମକ ରୋଗର କାରଣ ମଧ ସାଜିପାରେ ।

ମଦ୍ୟପାନ: ଗ୍ରୀଷ୍ମ ଦିନେ ଅନେକ ଲୋକଙ୍କୁ ଥଣ୍ଡା ୱାଇନ୍ ବା ବରଫରେ ଭର୍ତ୍ତି କକ୍‌ଟେଲ ପିଇବା ପସନ୍ଦ ଥାଏ । ଏହି ସବୁ ମାଦକ ଦ୍ରବ୍ୟ ଶରୀରର ତାପମାତ୍ରା ବଢ଼ାଇ ଦେଇଥାଏ । ଫଳରେ ଡିହାଇଡ୍ରେସନ ଭଳି ସମସ୍ୟା ଉତ୍ପନ୍ନ ହୋଇଥାଏ । ଡିହାଇଡ୍ରେସନ ଯୋଗୁ ଇମ୍ୟୁନ ସିଷ୍ଟମ ଦୁର୍ବଳ ହୋଇପଡେ ଏବଂ ସ୍ୱାସ୍ଥ୍ୟ ଖରାପ ହେବା ଆଶଙ୍କା ବଢ଼ି ଯାଇଥାଏ ।

ଆଇସ୍କ୍ରିମ୍: ଖରାଦିନେ ପିଲାଠୁ ଆରମ୍ଭ କରି ବୟସ୍କ, ସମସ୍ତେ ଆଇସକ୍ରିମ ଖାଇବା ପାଇଁ ପସନ୍ଦ କରନ୍ତି । ଆଇସକ୍ରିମରେ ଅତ୍ୟଧିକ ମାତ୍ରାରେ ଚିନି ରହିଛି, ଯାହା ମୋଟାପଣ ଏବଂ ମଧୁମେହତାକୁ ବଢ଼ାଇଥାଏ । ଯଦି ଆପଣଙ୍କୁ ଆଇସ୍କ୍ରିମ ଖାଇବା ଅତ୍ୟଧିକ ପସନ୍ଦ ଥାଏ ତେବେ ଏହାକୁ କମ୍ ମାତ୍ରାରେ ଖାଇପାରିବେ ।

ଦୁଗ୍ଧଜାତ ଖାଦ୍ୟ: ଯଦି ଆପଣ ଅଧିକ ଥଣ୍ଡା ମିଲ୍କସେକ୍ ପିଅନ୍ତି ତେବେ ସାବଧାନ ହୋଇଯା’ନ୍ତୁ । ଗରମ ଦିନେ ଦୁଗ୍ଧ ଜାତୀୟ ଖାଦ୍ୟର ସେବନ ଅତ୍ୟନ୍ତ କମ୍ ମାତ୍ରାରେ କରିବା ଉଚିତ । ଏହି ଦିନେ ଶରୀର ଅତ୍ୟନ୍ତ ଗରମ ରୁହେ, ତେଣୁ ଏସବୁ ସହଜରେ ହଜମ ହୁଏ ନାହିଁ । ଫଳରେ ପେଟ ଜନିତ ସମସ୍ୟା ଦେଖା ଦିଏ ।

ତେଲ ଯୁକ୍ତ ଖାଦ୍ୟ: ଅଧିକ ତେଲ ଯୁକ୍ତ ଖାଦ୍ୟ, ଜଙ୍କ ଫୁଡ, ମସଲା ଯୁକ୍ତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ । ତେଣୁ ଖରାଦିନ ଏସବୁ ଖାଦ୍ୟ ଜମାରୁ ବି ଖାଇବା ଉଚିତ ନୁହେଁ । ଏଭଳି ଖାଦ୍ୟ ଖାଇବା ଦ୍ୱାରା ଏହା ଶରୀରକୁ ଗରମ କରିଦିଏ । ଫଳରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡେ ।


ଡ୍ରାଏ ଫ୍ରୁଟ: ବାଦାମ, ପିସ୍ତା, କିସମିସ୍, ଖଜୁର ଆଦିରେ ଭରପୁର ପୁଷ୍ଟିକର ତତ୍ୱ ରହିଛି । ତେବେ ଗରମ ଦିନେ ଏହାକୁ ବୁଝି ବିଚାରି ଖାଇବା ଉଚିତ । କାରଣ ଡ୍ରାଏ ଫ୍ରୁଟସ୍ ମଧ ଶରୀରକୁ ଭିତରୁ ଗରମ କରିଦିଏ । ତେଣୁ ଖରାଦିନେ ଏହାକୁ କମ୍ ମାତ୍ରାରେ ଖାଇବା ଉଚିତ ।

ଅତ୍ୟଧିକ ଚା’ କିମ୍ବା କଫି: ଅଧିକାଂଶ ଲୋକଙ୍କ ଚା’ କିମ୍ବା କଫି ବିନା ଦିନ ଆରମ୍ଭ ହୁଏ ନାହିଁ । ଯଦି ଆପଣଙ୍କୁ ମଧ ଏସବୁ ଜିନିଷର ଅଭ୍ୟାସ ରହିଛି ତେବେ ଏହାକୁ ତୁରନ୍ତ ବଦଳାଇ ଦିଅନ୍ତୁ । ଗରମ ଦିନେ କଫି କିମ୍ବା ଚା’ ଡିହାଇଡ୍ରେସନର ସମସ୍ୟା ବଢ଼ାଇ ଦିଏ । ଚା’ କିମ୍ବା କଫି ବଦଳରେ ଆପଣ ଚାହିଁଲେ ଗ୍ରୀନ୍ ଟି’ ପଇପାରିବେ ।

ଆମ୍ବ: ସମସ୍ତ ଫଳର ରାଜା ହେଉଛି ଆମ୍ବ । ଗରମ ଦିନେ ଅଧିକାଂଶ ଲୋକେ ଆମ୍ବ ଖାଇବା ପାଇଁ ପସନ୍ଦ କରନ୍ତି । କିନ୍ତୁ ଏହାକୁ ଅଧିକ ମାତ୍ରାରେ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । ଅଧିକ ଆମ୍ବ ଖାଇବା ଦ୍ୱାରା ପେଟ ଖରାପ ହେବା, ଡାଇରିଆ ତଥା ମୁଣ୍ଡା ବିନ୍ଧା ଭଳି ସମସ୍ୟା ସୃଷ୍ଟି ହୋଇପାରେ । ଏଥିପାଇଁ ଗ୍ରୀଷ୍ମ ଦିନେ ଏହାକୁ ସୀମିତ ମାତ୍ରାରେ ଖାଇବା ଉଚିତ ।



# ବୁଲି ଯାଆନ୍ତୁ କୋଣାର୍କରେ ଥିବା ଏହି ତନ୍ତ୍ର ପୀଠ




## ମଠ ପ୍ରତିଷ୍ଠା ହେବା ଦିନରୁ ଜଳୁଛି ତ୍ରୀକୋଣିୟ ଅଗ୍ନି କୁଣ୍ଡ

ଆପଣ ସେହି ମଠକୁ ଗଲେ ସୂର୍ଯ୍ୟ ନାରାୟଣଙ୍କ ଏକ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇବେ । ସେଠାରେ ଓଁକାର ରୂପୀ ନିରାକାର ବ୍ରହ୍ମାଙ୍କର ମୂର୍ତ୍ତି ମଧ ଆପଣ ଦେଖିବାକୁ ପାଇବେ । ମଠ ପ୍ରତିଷ୍ଠା ହେବା ଦିନଠାରୁ ସେଠାରେ ଜ୍ୱଳନ୍ତ ଅବସ୍ଥାରେ ତ୍ରୀକୋଣିୟ ଅଗ୍ନିକୁଣ୍ଡ ରହିଛି ।

ଆପଣ କେବେ ନା କେବେ କୋଣାର୍କ ବୁଲି ଯାଇଥିବେ । ଏହାର ସୌନ୍ଦର୍ଯ୍ୟ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । ତେବେ ଆପଣ କୋଣାର୍କ ଗଲେ ସୂର୍ଯ୍ୟମନ୍ଦିର, ପାଖରେ ଥିବା ରାମଚଣ୍ଡୀ ଆଉ ଚନ୍ଦ୍ରଭାଗା ସମୁଦ୍ରକୂଳ ଯାଇଥିବେ । କିନ୍ତୁ ଆଜି ଆପଣଙ୍କୁ ସେହି କୋଣାର୍କର ଏପରି ଏକ ସ୍ଥାନ ବିଷୟରେ କହିବୁ ଯାହା ବିଷୟରେ ବହୁତ କମ୍ ଲୋକ ଜାଣିଥିବେ । ତେବେ ଆସନ୍ତୁ ଜାଣିବା ସେହି ସ୍ଥାନକୁ ଗଲେ ଆପଣ କ’ଣ ଦେଖିବେ ଆଉ କ’ଣ ସବୁ ବିଷେଶତ୍ୱ ରହିଛି ।

ବିଶ୍ୱପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିରର ଦକ୍ଷିଣ ଦିଗରେ ଶହ ଶହ ବର୍ଷ ତଳର ପ୍ରାଚୀନ ଅନନ୍ତ ଅବଧୂତ ମଠ ଅବସ୍ଥିତ । ବହୁତ କମ୍ ଲୋକ ସେହି ପ୍ରାଚୀନ ମଠ ସମ୍ପର୍କରେ ଜାଣିଛନ୍ତି । ସେଥିପାଇଁ ସେଠାରେ ଲୋକଙ୍କର ଏତେ ଗହଳି ମଧ ଦେଖାଯାଏନାହିଁ । କିମ୍ବଦନ୍ତି ଅନୁସାରେ, ଭଗବାନ ଶିବ ସେଠାରେ ଅଗ୍ନି କୁଣ୍ଡ ସ୍ଥାପନ କରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରିଥିଲେ । ଦ୍ୱାପର ଯୁଗରେ କୃଷ୍ଣଙ୍କର ପୁଅ ସାମ୍ବ ସେହି ସ୍ଥାନରେ ସୂର୍ଯ୍ୟଙ୍କ ଉପାସନା କରି ରୋଗ ମୁକ୍ତ ହୋଇଥିଲେ ।

ମାଦଳା ପାଞ୍ଜିରେ ମଧ ଅବଧୂତ ମଠର ବର୍ଣ୍ଣନା ରହିଛି । ସେହି ସ୍ଥାନ ଏକ ତନ୍ତ୍ର ପୀଠ ଭାବେ ମଧ ଜଣାଶୁଣା । ସେଠାରେ ତାନ୍ତ୍ରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥାଏ ।



ଏହାକୁ ବାଦ୍ ଦେଲେ ଆପଣ ସେଠାରେ ଅନେକ ପ୍ରାଚିନ ମୂର୍ତ୍ତୀ ଦେଖିବାକୁ ପାଇବେ । ତାହା ଏକ ତନ୍ତ୍ର ପୀଠ ହୋଇଥିବାକୁ ସେଠାରେ ଅନେକ ତନ୍ତ୍ର ପୋଥି ସାଇତା ହୋଇରହିଛି । ଇତିହାସ ଅନୁସାରେ, ଅନେକ ସେହି ମଠକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ତେଣୁ ଏଥିରୁ ଉଦ୍ଧାର ପାଇବା ପାଇଁ ସେଠାକାର ତତ୍‌କାଳୀନ ମଠାଧିସ ନରସିଂହ ଅବଧୂତ ଘୁଷୁରି ମାଂସ ସହ ତୁଳସୀ ପତ୍ର ପ୍ରସାଦ ବ୍ୟବସ୍ଥା ଆରମ୍ଭ କରିଥିଲେ । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବକୁଳ ଅମାବାସ୍ୟା ତିଥିରେ ସେଠାରେ ଘୁଷୁରୀ ମାଂସ ତରକାରୀ ଏବଂ ତୁଳସୀ ପତ୍ର ଲାଗି କରାଯାଏ ।



ଅନନ୍ତ ଅବଧୂତ ମଠ ପ୍ରତିଷ୍ଠା ହେବା ଦିନଠାରୁ ଦାୟିତ୍ୱରେ ଥିବା ମଠାଧିଷମାନଙ୍କର ସମାଧି ମଧ ଆପଣ ଦେଖିବାକୁ ପାଇବେ । ଏହା କେବଳ ଇତିହାସ ଦୃଷ୍ଟିରୁ ନୁହେଁ ପରମ୍ପରା ଦୃଷ୍ଟିରୁ ମଧ ସେହି ମଠର ବହୁତ ଗୁରୁତ୍ୱ ରହିଛି ।

ଆପଣ ଏହି ମଠକୁ ଯିବାକୁ ଚାହିଁଲେ ରାଜଧାନୀ ଭୁବନେଶ୍ୱରରୁ ବସ୍, ଟ୍ରେନ୍, ଟ୍ୟାକ୍ସି କିମ୍ବା ନିଜ ଗାଡ଼ିରେ ମଧ ଯାଇପାରିବେ । ଭୁବନେଶ୍ୱରରୁ ଏହା ୬୫ କି.ମି. । ସେହି ସ୍ଥାନକୁ ଆପଣ ବର୍ଷର ଯେ କୌଣସି ସ୍ଥାନରେ ଯାଇ ବୁଲି ଆସି ପାରିବେ ।

# ଘରେ ପ୍ରସ୍ତୁତ କରନ୍ତୁ ଚିକେନ ଗୋଲମରିଚ

**ଆବଶ୍ୟକ ସାମଗ୍ରୀ:**


- ଚିକେନ
- ପିଆଜ
- ଲଙ୍କାଗୁଣ୍ଡ
- ଜିରାଗୁଣ୍ଡ
- ଗରମ ମସଲା
- ଗୋଲମରିଚ ଗୁଣ୍ଡ
- ଲେମ୍ବୁ ରସ
- ଦହି
- କସ୍ତୁରୀ ମେଥି
- ହଳଦି ଗୁଣ୍ଡ
- ରିଫାଇନ୍ ତେଲ
- ଗୁଜୁରାତି
- ଲବଙ୍ଗ
- ଡାଲଚିନି
- ଲୁଣ



**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ । ଏହା ପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ । ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ । କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି ) ପକାନ୍ତୁ । ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନ୍‌କୁ ଚଲାନ୍ତୁ । ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ । ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ ।

# ସ୍ମୃତିଶକ୍ତିର ଉତ୍ତମ ଖୋରାକ୍




କିଶୋରବସ୍ଥାରୁ ହିଁ ପିଲାଙ୍କ ସ୍ମୃତିଶକ୍ତି ବୃଦ୍ଧି ନିମନ୍ତେ ପିତାମାତା ବିଭିନ୍ନ ପଦକ୍ଷେପ ନେଇଥାନ୍ତି । ସେମାନଙ୍କ ଖାଦ୍ୟପାନୀୟ ସହ ଅନ୍ୟାନ୍ୟ ଦିଗ ପ୍ରତି ମଧ ଦୃଷ୍ଟି ଦିଆଯାଏ । ଯେପରି ସେମାନେ କେତେ ସମୟ ଖେଳିବେ, କେଉଁ ସମୟରେ ଟିଭି ଅବା କମ୍ପ୍ୟୁଟରରେ ଗେମ ଖେଳିବେ ଇତ୍ୟାଦିଇତ୍ୟାଦି । ବିଶେଷଜ୍ଞଙ୍କ ମତରେ ଏସବୁ ବାଦ ଉତ୍ତମ ପୋଷାକତତ୍ତ୍ୱଯୁକ୍ତ ଖାଦ୍ୟ ଓ ନିଦ୍ରା, ସ୍ମୃତି ଶକ୍ତି ବଢ଼ାଇବାରେ ଖୁବ ସହାୟକ । ନିୟମିତ ଭାବେ ଯଦି କୌଣସି ବ୍ୟକ୍ତି ଯୋଗ, ପ୍ରାଣାୟମ କରୁଥାନ୍ତି, ତାଙ୍କ ସ୍ମୃତି ଶକ୍ତି କ୍ଷିପ୍ର ବେଗରେ ବର୍ଦ୍ଧିଥାଏ । ସକାଳବେଳା କିଛି ସମୟ ଧ୍ୟାନ କରିବା ଶରୀର ନିମନ୍ତେ ମଧ ଖୁବ୍ ହିତକାରୀ । ପିଲାମାନେ ମଧ ଏହା ଅଭ୍ୟାସ କରିବା ଉଚିତ । କାମର ଚାପରେ ଥକ୍କାପଣ ବଢ଼େ, କିନ୍ତୁ ଅବିରତ ବା ନିରନ୍ତର ପରିଶ୍ରମରେ ବ୍ୟତିବ୍ୟସ୍ତ ଲାଗିଥାଏ । ଏସବୁ ସହିତ ନିଦ ଠିକ୍ ଭାବେ ଓ ଠିକ୍ ସମୟରେ ନ ହେଲେ, ଅସୁବିଧା ଅଧିକ ହୋଇଥାଏ । ଦୈନିକ ପିଲା ଠାରୁ ବୟସ୍କ ସମସ୍ତ ବର୍ଗର ଲୋକ ୬-୭ ଘଣ୍ଟା ଶୋଇବା ଭଲ । ଏହା ସ୍ମୃତିଶକ୍ତି ବଢ଼ାଇଥାଏ । ନିଦ ଅଧାରୁ ଭାଙ୍ଗିଲେ ତାହା ସର୍ବପ୍ରଥମେ ଆମ ମାନସିକ ସ୍ଥିତି ଓ ସ୍ମୃତିଶକ୍ତିକୁ ପ୍ରଭାବିତ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

କର୍ମଜୀବୀ ବ୍ୟକ୍ତି ହୋଇଥିଲେ ଦିନବେଳା ଭୋଜନ ପରେ ୧୦-୧୫ ମିନିଟ୍ ନିଜ ଥକ୍କାପଣ ମେଣ୍ଟାଇବା ନିମନ୍ତେ ଆରାମ କରନ୍ତୁ । ଏପରି କଲେ ଶରୀରକୁ ଫୁର୍ତ୍ତି ଲାଗିଥାଏ ।

# ବିୟର - ରମେନ

ବିୟର ସହ ହ୍ୱାଇଟ୍ ନୁଡୁଲ୍ସର ମିଶ୍ରିତ ଖାଇବା, ଶୁଣିଲା ବେଳକୁ ଅଜିବ୍ ଲାଗିଲେ ବି ଏହା ଏକ ଖାଦ୍ୟ ଯାହାର ଚାହିଦା ଖୁବ ଅଧିକା ହୁଏତ ଭାରତରେ ଏ ଖାଦ୍ୟ ସେତେ ପ୍ରସିଦ୍ଧ ନୁହେଁ କିନ୍ତୁ କାନାଡ଼ାରେ ଏହା ଖୁବ ଫେମସ । କାନାଡାରେ ମିଳୁଥିବା ଏହିବ ବିୟର-ରେମନର ମଜା ଛୋଟପିଲାମାନେ ମଧ ଉଠାନ୍ତି । ପ୍ରକୃତରେ କହିବାକୁ ଗଲେ ଏହା କୌଣସି ବିୟରରୁ ପ୍ରସ୍ତୁତ ଫ୍ଲେକ୍ସ ଆଉ ଏହାର ଉପର ଅଂଶଟି ହେଉଛି ଅଣ୍ଡାର ଧଳାଅଂଶ ଓ ଜିଲେଟିନର ଏକ ମିଶ୍ରଣ, ବିଶେଷ କରି ଏହା କୌଣସି ବିୟର ବା ନିଶାଶକ୍ତ ପଦାର୍ଥରୁ ପ୍ରସ୍ତୁତ ହୁଏନାହିଁ, ସେଥିପାଇଁ ଏହାର ମଜା କାନାଡାର ଛୋଟ ପିଲାମାନେ ମଧ ଉଠାଇଥାନ୍ତି ।



# ଘରେ ତିଆରି କରନ୍ତୁ ଗୋଲାପ ଘିକୁଆଁରୀ ମିଶ୍ରଣ

ଘିକୁଆଁରୀ ରସ କବକ ଓ କୀଟାଣୁନାଶକ । ଏହା ତ୍ୱଚାର ଯତ୍ନ ନିଏ । କଳା ଦାଗ ଦୂର ସହିତ ତ୍ୱଚାକୁ ଉଜ୍ଜ୍ୱଳ ରଖେ । ତେବେ, ଘିକୁଆଁରୀ ରସ ଓ ଗୋଲାପ ଜଳର ମିଶ୍ରଣ ତ୍ୱଚା ପାଇଁ ଆହୁରି ଉପକାରୀ । ବଜାରରେ ତାହା ମିଳୁଥିଲେ ହେଁ, ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ ଲାଗି ସେଥିରେ ରାସାୟନିକ ମିଶିଥାଏ । ଘରେ ମିଶ୍ରଣ ପ୍ରସ୍ତୁତ କରି ଲଗାନ୍ତୁ, ଅଧିକ ସୁଫଳ ମିଳିବ । ପ୍ରସ୍ତୁତି ପ୍ରଣାଳୀ:- ଗୋଟିଏ ଘିକୁଆଁରୀ ପତ୍ରକୁ ଭୂଳରୁ କାଟିଆଣନ୍ତୁ । ଭଲ ଭାବେ ଧୋଇବା ପରେ, ପତ୍ରର ଗୋଟିଏ ପାଖ କାଟି ଉପର ଅଂଶକୁ ହାତରେ ଟାଣି କାଢ଼ିଦିଅନ୍ତୁ । ଏହା ଦ୍ୱାରା ରସ ସଂଗ୍ରହ ସହଜ ହୁଏ । ଚାମଚରେ ରସ କାଢ଼ି ନିର୍ଦ୍ଦିଷ୍ଟ ପାତ୍ରରେ ରଖନ୍ତୁ । ଯେପରି ଆଦୌ ସବୁଜ ଅଂଶ ବାହାରି ନ ଆସେ, ସେଥି ପ୍ରତି ଧ୍ୟାନ ରଖନ୍ତୁ । ସେଥିରେ ଦଶ-ବାର କେଇ ବୁନ୍ଦା ଗୋଲାପ ଜଳ ପକାଇ ଭଲ ଭାବେ ଫେଣ୍ଟିଦିଅନ୍ତୁ । ଏହା ଦ୍ୱାରା ମିଶ୍ରଣ ସୁଗନ୍ଧିତ ହୁଏ । ଅଧିକ ଲାଭ ପାଇଁ ଭିଟାମିନ ଇ ତୈଳ ମିଶାଇପାରିବେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ରାଜନୀତିରେ ଧର୍ମ...

ରାଜନୀତିକୁ ଧର୍ମ ଅର୍ଥାତ ପ୍ରଜାମାନଙ୍କୁ ସୁଶାସନ ପ୍ରଦାନ କରିବା ରାଜାମାନଙ୍କର ଧର୍ମ ବା ରାଜଧର୍ମ ପାଳନ ଏବଂ ଧର୍ମକୁ ନେଇ ରାଜନୀତି କରିବା ମଧ୍ୟରେ ଯେ ଆକାଶ ପାତାଳ ଫରକ ଅଛି, ତାହା କହିବାର କ୍ୱଚିତ୍ ଆବଶ୍ୟକତା ରହିଛି। ଭାରତରେ ବିଭିନ୍ନ ଧର୍ମାବଲମ୍ବୀ ଲୋକମାନଙ୍କ ବାସ କରିବା ରାଜନୀତିକ ଦଳମାନଙ୍କୁ ଧର୍ମକୁ ନେଇ ରାଜନୀତି କରିବାକୁ ପ୍ରୋତ୍ସାହିତ କରି ଆସିଛି ଏବଂ କେତେକ ସମୟରେ ନିର୍ବାଚନୀ ରାଜନୀତିର ଫଳାଫଳ ଧର୍ମ ମଧ୍ୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଅତଏବ, ଧର୍ମଭିତ୍ତିକ ରାଜନୀତି ଦେଶରେ ନୂଆ ନୁହେଁ। କୌଣସି କୌଣସି ଦଳ ନିର୍ଦ୍ଦିଷ୍ଟ ଧର୍ମକୁ, ବିଶେଷକରି ସବୁ ଧର୍ମ ଭିତରେ ସଂଖ୍ୟାଗରିଷ୍ଠ ହିନ୍ଦୁ ଓ ମୁସଲମାନ ଧର୍ମକୁ ନେଇ ତ ରାଜନୀତି କରି ଆସୁଛନ୍ତି। ସାମ୍ପ୍ରତିକ ସମୟରେ ବିଜେପିର 'ହିନ୍ଦୁ କାର୍ଡ଼' ଖେଳିବା କଥା କାହାକୁ ଅଛପା ନୁହେଁ। ଆଉ ମାତ୍ର ଅଳ୍ପ ଦିନ ପରେ ଦେଶରେ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହି ରାଜ୍ୟମାନଙ୍କ ମଧ୍ୟରୁ ପଶ୍ଚିମବଙ୍ଗ ସମ୍ପ୍ରତି ରହିଛି ଆଲୋଚନାର କେନ୍ଦ୍ରରେ, ଯାହା ବିଜେପିର ଦେଶର ପୂର୍ବୋତ୍ତର ରାଜ୍ୟଗୁଡ଼ିକ ଦଖଲ କରିବାର କାର୍ଯ୍ୟସୂଚୀ ମଧ୍ୟରେ ଅକ୍ତିଆର କରିଛି ପ୍ରମୁଖ ସ୍ଥାନ। ଏଠାରେ ଦଳ ତାର ସେହି ମୁଖ୍ୟ ଆୟୁଧ 'ହିନ୍ଦୁ କାର୍ଡ଼' ଖେଳିବାକୁ ଆରମ୍ଭ କରିଥିବାବେଳେ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଘୋଷଣା କରିଛନ୍ତି ଯେ ସେ ଏକ ହିନ୍ଦୁ ପରିବାରରେ ଜନ୍ମ ହୋଇଛନ୍ତି ଏବଂ ତାଙ୍କୁ ମଧ୍ୟ କିଛି କିଛି ହିନ୍ଦୁ ଶାସ୍ତ୍ର ସଂହିତା ଜଣାଅଛି। ତେଣୁ ତାଙ୍କ ସହିତ ଏହି ଖେଳ ନଖେଳିବାକୁ ସେ ବିଜେପିକୁ ସାବଧାନ କରାଇ ଦେଇଛନ୍ତି। ଏହି କାର୍ଡ଼ ଖେଳି ଗୋଟିଏ ପକ୍ଷରେ ବିଜେପି ନିଜକୁ ସଂଖ୍ୟାଗରିଷ୍ଠମାନଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରୁଥିବା ଦଳ ଭାବରେ ଉପସ୍ଥାପନ କରିଥାଏ। ସଙ୍ଗେ ସଙ୍ଗେ ଅପରପକ୍ଷରେ ଏହା ତା'ର ଶତ୍ରୁ ବା ବିରୋଧୀମାନେ ମୁସଲମାନମାନଙ୍କ ପ୍ରତି ଅଧିକ ସହାନୁଭୂତିଶୀଳତା ପ୍ରଦର୍ଶନ କରୁଥିବା ଏବଂ ହିନ୍ଦୁମାନଙ୍କ ପ୍ରତି ଅସମ୍ବେଦନଶୀଳ ବୋଲି ଦର୍ଶାଇବାକୁ ଉଦ୍ୟମ କରିଥାଏ। ଅର୍ଥାତ ମୋଟାମୋଟି ଧର୍ମ ଭିତ୍ତିରେ ଏକ ରାଜନୀତିକ ଧ୍ରୁବୀକରଣ କରାଯାଇଥାଏ ଯାହାକୁ ଚଳିତଥର ସୁଶ୍ରୀ ମମତା ପଣ୍ଡ କରିବାକୁ ଉଦ୍ୟମ କରିଛନ୍ତି; ତୃଣମୂଳ କଂଗ୍ରେସ ଏଥର ମୁସଲମାନମାନଙ୍କ ପ୍ରାର୍ଥୀଙ୍କ ସଂଖ୍ୟାରେ ହ୍ରାସ ଘଟାଇଛି। ୨୦୧୬ରେ ତୃଣମୂଳ କଂଗ୍ରେସ ୫୪ଜଣ ମୁସଲମାନ ପ୍ରାର୍ଥୀଙ୍କୁ ଟିକେଟ ଦେଇଥିବାବେଳେ ଏଥର ନିର୍ବାଚନରେ ଏହି ସଂଖ୍ୟାକୁ ହ୍ରାସ କରିଛି ୪୫କୁ। ପୁନଶ୍ଚ, ଏହି ସଂଖ୍ୟାରେ ଅଧିକ ହ୍ରାସ କରିଛି ଦକ୍ଷିଣ ବଙ୍ଗରେ, ଯେଉଁଠି ବିଜେପି ଉଲ୍ଲେଖନୀୟ ପ୍ରଦର୍ଶନ କରିବାକୁ ଆଶା ରଖିଛି। ତଥାପି ଏହା ବିଜେପିକୁ ଏହି ଅଂଚଳରେ ଧର୍ମ ଭିତ୍ତିରେ ରାଜନୀତି କରିବାରୁ କ୍ୱଚିତ୍ ରୋକିପାରିବ ବୋଲି କୁହାଯାଇପାରେ। ଧର୍ମ ଭିତ୍ତିକ ରାଜନୀତି କରିବାରେ ଦିଲ୍ଲୀର ପ୍ରଗତିଶୀଳ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ମଧ୍ୟ ପଛରେ ପଡ଼ିନାହାଁନ୍ତି। ଗତ ବୁଧବାର ଦିନ ତାଙ୍କ ସରକାରର ଆଦର୍ଶ 'ରାମ ରାଜ୍ୟ' ପ୍ରତିଷ୍ଠା କରିବା ବୋଲି ସେ କହିଛନ୍ତି ଏବଂ ଏହି ରାଜ୍ୟ କେଉଁ କେଉଁ ନୀତିକୁ ଅନୁସରଣ କରି ପ୍ରତିଷ୍ଠିତ ହୋଇପାରିବ, ସେ ସମ୍ବନ୍ଧରେ ମଧ୍ୟ କେତେକ ନିୟମାବଳୀ ଉଲ୍ଲେଖ କରିଛନ୍ତି। ଏଥିସହିତ ସେ ଆହୁରି ମଧ୍ୟ କହିଛନ୍ତି ଯେ ଅଯୋଧ୍ୟାରେ ରାମ ମନ୍ଦିର ନିୟମାବଳୀ ଉଲ୍ଲେଖ କରିଛନ୍ତି। ଏଥିସହିତ ସେ ଆହୁରି ମଧ୍ୟ କହିଛନ୍ତି ଯେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ହୋଇଗଲା ପରେ ତାଙ୍କ ସରକାର ରାଜ୍ୟର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ସେଠାକୁ ତୀର୍ଥଯାତ୍ରା କରିବାର ସୁବିଧା ପ୍ରଦାନ କରିବ। ଅରବିନ୍ଦଙ୍କଠାରେ ଯେ ଏହି ପରିବର୍ତ୍ତନ ଏବେ ଆସିଛି, ତା' ନୁହେଁ, ପ୍ରାୟ ତିନିବର୍ଷ ହେବ ସେ ନିଜକୁ ଅତି ସତର୍କତାର ସହିତ ହିନ୍ଦୁ ନେତା ଭାବରେ ଉପସ୍ଥାପନ କରି ଆସୁଛନ୍ତି। ଗୋଟିଏ ପଟେ ତାଙ୍କ ସରକାରର ସୌଜନ୍ୟରେ ବିଭିନ୍ନ ପର୍ବପର୍ବାଣିରେ ପୂଜାମାନେ ଅନୁଷ୍ଠିତ ହୋଇ ଆସୁଥିବାବେଳେ ଶାହିନ୍‌ବାଗ୍ ଭଳି କେତେକ ଧ୍ରୁବୀକରଣ ପ୍ରସଙ୍ଗରୁ ସେ ନିଜକୁ ଦୂରେଇ ରଖୁଛନ୍ତି; ନିଜକୁ ହନୁମାନଙ୍କ ପରମ ଭକ୍ତ କହି ଆସୁଛନ୍ତି। କହିବା ବାହୁଲ୍ୟ ପଶ୍ଚିମବଙ୍ଗରେ ସୁଶ୍ରୀ ମମତା ଏବଂ ଦିଲ୍ଲୀରେ ଅରବିନ୍ଦ ବିଜେପି ପାଇଁ ବଳିଷ୍ଠ ଆହ୍ୱାନର ପ୍ରତୀକ। ଆଉ ବର୍ତ୍ତମାନ ସମୟରେ ସେମାନଙ୍କର ଏଭଳି ଆଭିମୁଖ୍ୟରୁ ବିଜେପି ରାଜନୀତିର ମଙ୍ଗକୁ କୁଆଡ଼କୁ ମୋଡ଼ି ଦେଇଛି, ତା'ର ସୂଚନା ମିଳେ କହିଲେ ଅତ୍ୟୁକ୍ତି ହେବନାହିଁ। ଅର୍ଥାତ ଧର୍ମନିରପେକ୍ଷ ରାଜନୀତି ବର୍ତ୍ତମାନ ସମୟରେ ଅତୀତ। ପୂର୍ବରୁ ଧର୍ମନିରପେକ୍ଷ ରାଜନୀତି କହିଲେ ମୁସଲମାନଙ୍କ ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିବାକୁ ବୁଝାଉଥିବାବେଳେ ଆଜିକା ସମୟରେ ଧର୍ମନିରପେକ୍ଷ ନେତାମାନେ ଦୁଇଟିଯାକ କଥାକୁ ଏକା ସାଙ୍ଗରେ ଦେଖାଇବାକୁ ଚେଷ୍ଟା ଚଳାଇଛନ୍ତି ଅର୍ଥାତ ସମ୍ପୂର୍ଣ୍ଣ ଭାବରେ ମୁସଲମାନ ଅନୁକୂଳ ନହେବା ସହିତ ହିନ୍ଦୁମାନଙ୍କ ଭାବାବେଗ ପ୍ରତି ପର୍ଯ୍ୟାପ୍ତ ପରିମାଣରେ ସମ୍ବେଦନଶୀଳତା ପ୍ରଦର୍ଶନ କରିବା। ଦେଶର ସର୍ବପୁରାତନ ରାଜନୀତିକ ଦଳ କଂଗ୍ରେସ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ, ଯାହା ଲକ୍ଷ୍ୟ କରାଯାଇପାରେ ନିକଟରେ ରାମ ମନ୍ଦିର ନିର୍ମାଣ ପାଇଁ ପଥର ଯୋଗାଇବା ଉଦ୍ଦେଶ୍ୟରେ ପଥର ଖଣିକୁ ଆଇନଗତ ଅନୁମୋଦନ ଦେବା ନେଇ ରାଜସ୍ଥାନ ସରକାରଙ୍କ ନିଷ୍ପତ୍ତିରୁ। ଏ ସବୁଥିରୁ ତେଣୁ ଗୋଟିଏ କଥା ଅବଶ୍ୟ ନିଶ୍ଚିତ ହୋଇଯାଏ ଯେ ବିରୋଧୀମାନେ ହୁଏତ ନିର୍ବାଚନରେ କି ରାଜନୀତିରେ ବିଜେପିକୁ ପରାସ୍ତ କରିପାରନ୍ତି, କିନ୍ତୁ ଏହି ଦଳର ଆଦର୍ଶକୁ ପରାଜିତ କରିବା ଏତେ ସହଜ ନୁହେଁ, ଯାହାର ପ୍ରତିନିଧିତ୍ୱପୂର୍ଣ୍ଣ ଗଣତନ୍ତ୍ର ତଥା ସାମ୍ପ୍ରଦାୟିକ ସମ୍ପର୍କ ଉପରେ ପ୍ରଭାବ ରହିବ।

କବିତା କୋଣାର୍କ

## ଶିବ ବନ୍ଦନା ..

ଶ୍ରୀ ସତ୍ୟବ୍ରତ ସାହୁ

ଆଜି ଜାଗରରେ ଉପବାସ ରହି ତୁମ୍ଭଙ୍କୁ ଭଜୁଛି ହର,
ଉମାକାନ୍ତ, ଶିବ, ମହାଯୋଗେଶ୍ୱର ଦୁଃଖ, ଶୋକ ଦୂର କର । (୦)

ଜାଗର ରାତିରେ ଉଜାଗର ରହି ତୁମ ନାମ ଜପକରି,
ତୁମ ମହାଦୀପ ଦେଖିଦେଲେ ଥରେ ପାପସବୁ ଯାଏ ମରି
ହେ ଈଷାନେଶ୍ୱର ଅଘୋର, ଶଙ୍କର
ମନକଥା ବୁଝ ମୋର ।(୧)

ମନ୍ଦିର ଦୁଆରେ ଘିଅ ବଳିତାରେ ଜାଳି ମୁଁ ଦେଇଛି ଦୀପ,
ଅନାଇ ରହିଛି ମନ୍ଦିର ଚୂଳରେ ଉଠିବାକୁ ମହାଦୀପ,
ଭକ୍ତିର ଆଲୋକ ଜାଳି ଦୂର କର
ଅନ୍ତର ତମସା ମୋର ।(୨)

ଆଜି ଜାଗରରେ ଉଜାଗର ରହି ତୁମ୍ଭଙ୍କୁ ଭଜୁଛି ହର,
ଉମାକାନ୍ତ, ଶିବ, ମହାଯୋଗେଶ୍ୱର ଦୁଃଖ, ଶୋକ ଦୂର କର ।(୦)

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

# ଲୋକ ସାହିତ୍ୟରେ ଲୋକପରମ୍ପରା

ଡ. ନିରୁପମା ନାୟକ

ମୁଖରୁ ମୁଖକୁ ପିଢ଼ି ପରେ ପିଢ଼ି ସଂଚରିତ ହୋଇ ବଂଚି ରହିଥିବା ସାହିତ୍ୟ ହିଁ ଲୋକସାହିତ୍ୟ। ଏହାର ସ୍ରଷ୍ଟା ଓ ସୃଷ୍ଟିକାଳ ଅଜଣା, କେବେ ମଣିଷର ଅବସର ବିନୋଦନ ପାଇଁ ଉଦ୍ଦିଷ୍ଟ, ଅବସର ସମୟର କଳ୍ପନାରୁ ପ୍ରସ୍ଫୁଟିତ, କେବେ ଲୋକପରମ୍ପରାକୁ ପରପିଢ଼ିକୁ ସଂଚରିତ କରିବାର ମାଧ୍ୟମ ସାଜିଥାଏ ଲୋକସାହିତ୍ୟ। ଲୋକସାହିତ୍ୟରେ ପାରମ୍ପରିକ ଜୀବନର ରୀତି ନୀତି, ଅଦବ କାଇଦା, କରଣୀୟ, ଅକରଣୀୟ ତଥା ସମ୍ପାଦିତ ହେଉଥିବା ପ୍ରତିଟି କାର୍ଯ୍ୟର କାରଣ, ଏକ କାଳ୍ପନିକ ଅବାସ୍ତବ ସମାଧାନ ମିଳିଥାଏ ଲୋକସାହିତ୍ୟାର। ପୃଥିବୀର ଭୌଗୋଳିକ, ସାଂସ୍କୃତିକ ପରିସ୍ଥିତି ଲୋକ ବିଶ୍ୱାସ, ଧାର୍ମିକ ଚିନ୍ତାଧାରା ଲୋକପରମ୍ପରାକୁ ପ୍ରଭାବିତ କରିଥାଏ।

କେତେକ ଲୋକପରମ୍ପରା ଆଧୁନିକ ବିଜ୍ଞାନ ସମ୍ମତ ହୋଇଥିବାର ପରିଦୃଷ୍ଟ ହେଉଥିବା ବେଳେ କେତେକ ସମାଜ ବିଜ୍ଞାନ ସମ୍ମତ ପରି ମନେହୁଏ। ମଣିଷ ଏକ ସାମାଜିକ ପ୍ରାଣୀ ତେଣୁ ସମାଜ ସହିତ ଏକତ୍ର ସହାବସ୍ଥାନ ପାଇଁ ନିଷ୍ପାର ଉଦ୍ରେକ ତଥା ପ୍ରତି ଲୋକକୁ ସମାଜ ସହିତ ସଂଯୋଗୀକୃତ କରି ରଖିବା ପାଇଁ କେତେକ ଲୋକ ପରମ୍ପରା ଆବଶ୍ୟକତା ଅନୁଯାୟୀ ଏକ ସୁସଂଗଠିତ ଢ଼ଙ୍ଗରେ ବିକଶିତ କରାଯାଇଥାଏ। ପ୍ରତିଟି ଲୋକପରମ୍ପରାକୁ ପରବର୍ତ୍ତୀ ପୀଢ଼ିକୁ ସ୍ୱଚ୍ଛନ୍ଦରେ ଗତିଶୀଳ କରାଇବା ପାଇଁ ହୁଏତ ଲୋକଗଳ୍ପରେ ଏକ କାଳ୍ପନିକ କାହାଣୀକୁ ସ୍ଥାନ ଦିଆଯାଇଥାଏ। ଆଦିବାସୀ ଅଧ୍ୟୁଷିତ ରାଜ୍ୟ ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ ରହିଛି, ଯାହାର କାର୍ଯ୍ୟକାରଣକୁ ଲୋକଗଳ୍ପରେ ବ୍ୟାଖ୍ୟା କରାଯାଇଥାଏ।

ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଇତ୍ୟାଦି ଜିଲ୍ଲାରେ ବାସ କରୁଥିବା କୁଡୁମୀ, ମହାନ୍ତମାନଙ୍କ ମଧ୍ୟରେ ଅତି ଆଦୃତ ପର୍ବ ବାନ୍ଦଣା ପର୍ବ ଯାହା, କାଳୀପୂଜା ସମୟରେ ପାଳନ କରାଯାଇଥାଏ, ଗାଈ ଗୋରୁମାନଙ୍କୁ ଏହି ଅବସରରେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ବାନ୍ଦଣା ପର୍ବ ପାଳନର ବିଧି ପଛରେ ପ୍ରଚଳିତ କାହାଣୀରେ କୁହାଯାଇଛି। ବ୍ରହ୍ମା, ବିଷ୍ଣୁ, ଶିବ ଥରେ ଚିନ୍ତାକଲେ ସମସ୍ତ ବିଶ୍ୱକୁ ତିନି ଭାଗରେ ବିଭକ୍ତ କରି ପ୍ରତ୍ୟେକ ଗୋଟିଏ ଗୋଟିଏ ଭାଗର ଦାୟିତ୍ୱ ଦେବେ। ବ୍ରହ୍ମା ସ୍ୱର୍ଗପୁର, ବିଷ୍ଣୁ ମର୍ତ୍ତ୍ୟପୁର ଓ ଶିବ ପାତାଳପୁରର ଭାଗ ନେଲେ। ପାତାଳପୁରରେ ସେ ନିଜର ସାଥୀ କରିବାକୁ ସୃଷ୍ଟି କଲେ କପିଳା ଗାଈ ଓ ବାସୁଆ ଷଣ୍ଢ... ତାପରେ ଏକ ଦୀର୍ଘ ଉପାଖ୍ୟାନ ରହିଛି, କିପରି ଶିବ ମଣିଷଙ୍କୁ ସାହାଯ୍ୟ କରିବାକୁ ଗୋରୁମାନଙ୍କୁ ମଣିଷ ହାତରେ ଦେଲେ। ତାଙ୍କୁ କଷ୍ଟ ଦେବାରୁ କପିଳା ଗାଈ ମହଦେବଙ୍କୁ ଗୋଜାତିର ଦୁଃଖ ଜଣାଇଲା ଏବଂ ଶିବ ବନ୍ଦନା ବା କାଳୀପୂଜା ଦିନ ପ୍ରତ୍ୟକ୍ଷ ପରିଦର୍ଶନରେ ଯିବା ବିଷୟ ତାକୁ ପ୍ରତିଶ୍ରୁତି ଦେଲେ, କିନ୍ତୁ ବାସୁଆ ଷଣ୍ଢ ଓ ପାର୍ବତୀଙ୍କ ବାହନ ବାଘୁଡା ଚକ୍ରାନ୍ତ କରି ଶିବ ପୃଥିବୀକୁ ଆସିବା ପୂର୍ବରୁ ଏ ଖବର ପୃଥିବୀର ମଣିଷମାନଙ୍କୁ ଜଣାଇ ଦେଲେ। ଫଳରେ ଶିବ ପୃଥିବୀକୁ ପହଂଚିବା ବେଳକୁ ଲୋକମାନେ ଗୋରୁ ଗାଈଙ୍କୁ ସମ୍ମାନ ଦେବା ଆରମ୍ଭ କରିଦେଲେ। ସେମାନଙ୍କୁ ପୂଜା କଲେ। ଶିବ ଏହା ଦେଖି ବହୁତ ଖୁସି ହୋଇଗଲେ। ସେହି ପରମ୍ପରା ଆଜିବି ଚାଲିଛି ବୋଲି ଲୋକେ ବିଶ୍ୱାସ କରନ୍ତି ଏବଂ ବାନ୍ଦଣା ପାଳନ ନକଲେ ଶିବ ରାଗି ଯିବେ ବୋଲି ମାନ୍ୟତା ରହିଛି।

ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ବାସ କରୁଥିବା ସାନ୍ତାଳ ଜନଜାତିମାନେ ସହରାୟ ପାରାବରେ କୁମାରୀ ଦ୍ରବ୍ୟ ଅଣ୍ଡା ପୂଜା କରିବାର ପରମ୍ପରା ପ୍ରଚଳିତ ରହିଛି। ଏହି ପୂଜାର କାରଣକୁ ସାନ୍ତାଳ ଲୋକଗଳ୍ପରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି।

ଦିନକର କଥା ପିଲ୍‌ଚୁବୁଢ଼ା (ଆଦିପିତା) ନିଜର ସାତ ପୁଅଙ୍କୁ ନେଇ ଶିକାର ପାଇଁ ଓ ପିଲ୍‌ଚୁ ବୁଢ଼ୀ (ଆଦିମାତା) ଆଠ ଝିଅଙ୍କୁ ନେଇ ଛତୁ ଗୋଟେଇବା ପାଇଁ ଜଙ୍ଗଲକୁ ନେଇଗଲେ। ଛତୁ ଗୋଟେଇ ସାରି ଝିଅମାନେ ବରଗଛ ତଳକୁ ଆସି ପାଚିଲା ବରଫଳ ଖାଇବାକୁ ଆରମ୍ଭ କଲେ ଓ ଗଛ ଚଢ଼ିଲେ। ପ୍ରଥମେ ବଡ଼ ଝିଅ "ସହରାୟ" ଗଛ ଚଢ଼ିଲା, ପରେପରେ ଅନ୍ୟମାନେ ଗଛ ଚଢ଼ିଲା ପରେ କ୍ରମାନୁସାରେ ସମସ୍ତେ ଚଢ଼ିଲେ। ସାତ ଭାଇ ମଧ୍ୟ ବୁଲିବୁଲି ଆସି ସେହି ଗଛମୂଳେ ପହଂଚିଲେ। ଏତିକିବେଳେ ମାରାଂବୁରୁ ଛଦ୍ମବେଶରେ ଲିଟା ରୂପରେ ଏଠାକୁ ଆସି ପୁଅମାନଙ୍କ ମନରେ କାମଭାବ ଜାଗ୍ରତ କଲେ। ଭାଇମାନେ ସବା ସାନଭାଇକୁ ବରଫଳ ଆଣିବା ପାଇଁ ଝିଅଙ୍କ ପାଖକୁ ପଠେଇଲେ। ସେ ସାନଝିଅକୁ ପାଚିଲାଫଳ ମାଗିଲା। ଝିଅ ତାକୁ କହିଲା, ମୁଁ ଫଳ ତଳେ ପକେଇ ଦେଉଛି ତୁମେ ଗୋଟେଇ ନିଅ। ପୁଅ କହିଲା, ତୁ ଫଳଟିକୁ ମୋ ହାତରେ ଦେ। ଝିଅଟି ଟିକିଏ ତଳକୁ ଓହ୍ଲାଇ ଆସି ସାନପୁଅ ହାତର ବରଫଳ ଧରାଇ ଦେଲା। ପୁଅଟି ଝିଅର ହାତକୁ ଧରି ତଳକୁ ଟାଣି ଆଣିଲା। ଏହା ଫଳରେ ସେ ଦୁହେଁ ମିଳିତ ହେଲେ ଏବଂ ସେମାନେ ସ୍ୱାମୀ ସ୍ତ୍ରୀ ହେଲେ। ଏହିପରି ଭାବରେ ଅବଶିଷ୍ଟ ଛ' ଭାଇ ଛ' ଜଣ ଭଉଣୀଙ୍କୁ ପତ୍ନୀ ରୂପେ ଆପଣାଇ ନେଲେ। ସମସ୍ତ ସାତ ଭାଇ ସାତଜଣ ଭଉଣୀଙ୍କୁ ପତ୍ନୀ ରୂପେ ପାଇଲେ। କିନ୍ତୁ ସବା ବଡ଼ ଭଉଣୀ ଗଛରେ ଥାଏ, ସେ ଦେଖିଲା- ତା ପାଇଁ ସ୍ୱାମୀ ହେବା ପାଇଁ କେହି ପୁରୁଷ ନାହିଁ। ସେ କରୁଣ ଭାବରେ କାନ୍ଦିବାକୁ ଆରମ୍ଭ କଲା। ସାତଭଉଣୀ ବଡ଼ ଭଉଣୀକୁ କାନ୍ଦୁଥିବାର ଦେଖି ଦୁଃଖିତ ହେଲେ। ସେମାନେ ତାକୁ ପାସୋରି ଯିବେ ନାହିଁ ବୋଲି ଆଶ୍ୱାସନା ଦେଲେ। ସେମାନେ ପ୍ରତିଶ୍ରୁତି ଦେଲେ ଯେ ବର୍ଷକେ ଥରେ ସେମାନେ ଏକ କୁମାରୀ ଦ୍ରବ୍ୟର ଉପହାର ତାକୁ ଦେବେ। ସେହି ଦିନପାଖରୁ ଗୋଟ୍‌ବଙ୍ଗାବେଳେ ଏକ କୁମାରୀ ଦ୍ରବ୍ୟ ଅଣ୍ଡାକୁ ଅର୍ପଣ କରିବା ପରମ୍ପରା ଆରମ୍ଭ ହେଲା। ଏହି ପର୍ବକୁ ବଡ଼ ଭଉଣୀର ନାଁ ଅନୁସାରେ ସହରାୟ ନାମକରଣ କରାଗଲା। କେବଳ ସାନ୍ତାଳ ନୁହଁନ୍ତି ବରଂ ପ୍ରତିଟି ଆଦିବାସୀ ଜନଜାତିଙ୍କର ରହିଛି କିଛି କିଛି ସ୍ୱତନ୍ତ୍ର ରୀତିନୀତି, ନିଜସ୍ୱ ପରମ୍ପରା, ଯାହା ଅନ୍ୟ ଜନଜାତିଙ୍କ ମଧ୍ୟରେ କ୍ୱଚିତ ଦେଖାଯାଏ ଏବଂ ସମସ୍ତ ପରମ୍ପରା ବଂଚି ରହିଛି କିଛି ନା କିଛି ଲୌକିକ ଭିତ୍ତିଭୂମିକୁ ଆଧାରି କରି ଏବଂ ପ୍ରତ୍ୟେକ ଲୋକ ପରମ୍ପରା ପଛରେ ଏକାଧିକ ଲୋକଗଳ୍ପ ରହିଛି। ସେହି ପରମ୍ପରାର ଆବଶ୍ୟକତା ସିଦ୍ଧ କରିବା ପାଇଁ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଢ଼େଙ୍କାନାଳ, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲ୍ଲାରେ ଆଦିମ ଆଦିବାସୀମାନେ ବସବାସ କରନ୍ତି। ମାଙ୍କଡ଼ ଧରିବାରେ ଏମାନେ କୁଶଳ ଶିକାରୀ। ମାଙ୍କଡ଼ ଧରି ମାଙ୍କଡ଼ ମାଂସ ଖାଉଥିବାରୁ ଏମାନଙ୍କୁ ମାଙ୍କଡ଼ଖିଆ ବା ମାଙ୍କଡ଼ିଆ କୁହାଯାଏ। ଏହି ମାଙ୍କଡ଼ ଧରିବାର କୌଶଳ ଶିକ୍ଷା ଓ ମାଂସ ଖାଇବା ସମ୍ପର୍କରେ ଲୋକଗଳ୍ପରେ କଥିତ ଅଛି । ରାବଣ-ରାଜାଙ୍କ ଆଦେଶର ଲଙ୍କାରେ ବିରହଳମାନେ ହନୁମାନଙ୍କୁ ଧରିବାକୁ ଶତଚେଷ୍ଟା କରି ମଧ୍ୟ ବିଫଳ ହେଲେ, ହନୁମାନଙ୍କର ଏମାନଙ୍କ ପ୍ରତି ଦୟା ଆସିଲା। ସେ ବିରହଳମାନଙ୍କୁ ମାଙ୍କଡ଼ ଧରିବାର କୌଶଳ ଶିକ୍ଷା ଦେଲେ ଏବଂ ହନୁମାନ ବିରହଳମାନଙ୍କ ହାତେର ଧରାଦେଲେ। ସବାଶେଷକୁ ହନୁମାନ ରାମଚନ୍ଦ୍ରଙ୍କୁ ପଚାରିଲେ, ମୋ ମାମୁଁ କିଏ? ମୁଁ ମୃତ୍ୟୁବରଣ କଲେ କିଏ ମୋର ଶବ ସତ୍କାର କରିବ?" ରାମଚନ୍ଦ୍ର କହିଲେ- "ଏହି ଲୋକମାନେ ଯିଏ ତୋତେ ଜାଲ ଲଗେଇ ଧରିଲେ (ବିରହଳମାନେ) ଓ ତାଙ୍କ ବଂଶଧର ମାନେ ତୋତେ ଓ ତୋ ବଂଶଧରକୁ ଜାଲ ପକାଇ ଧରି ମାରି ଖାଇବେ।" ସେହିଦିନ ପାଖରୁ ବିରହଳମାନେ ହନୁମାଙ୍କଡ଼ଙ୍କ ମାଂସ ଖାଇବା ଆରମ୍ଭ କଲେ। (ଡଃ ବିନୋଦ କୁମାର ନାୟକଙ୍କ, ବିରହଳ ଲୋକସାହିତ୍ୟ ପୁସ୍ତକରୁ ସଂଗୃହୀତ) ଦକ୍ଷିଣ ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିଭିନ୍ନ ଜନଜାତିର ଲୋକେ ବସବାସ କରନ୍ତି କାହିଁ କେଉଁ କାଳରୁ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଭାଗ -୮

ବଳି- ଅଧିକ ଯଦି ଚାହଁ ନାହିଁ
ପାଦ ତୁମ୍ଭର ଆଉ କାହିଁ
ଚରଣ ଅଛି ଯେବେ ତୋର
ତୋ ପଦ ରଖ ମୋର ଶିର।

ବେଦପତି ବ୍ରହ୍ମାଙ୍କ ସହିତ ସମଗ୍ର ଦେବଗଣ ସ୍ୱର୍ଗରେ ଠିଆ ହୋଇ ଦେଖୁଛନ୍ତି- ସ୍ୱର୍ଗରୁ ଦେବତା ମାନେ ପୁଷ୍ପ ବୃଷ୍ଟି କରୁଛନ୍ତି- ଗନ୍ଧର୍ବମାନେ ଦୁନ୍ଦୁଭି ବଜାଉଛନ୍ତି ଓ ଅପ୍ସରାମାନେ ନୃତ୍ୟ କରୁଛନ୍ତି। ବାମନ ରୂପି ଭଗବାନଙ୍କ ବିଶାଳ ଶରୀର ଦେଖି ଦେବତା ମାନେ ଭୟରେ ଚକ୍ଷୁ ବୁଜିଲେ। ପ୍ରଭୁଙ୍କ ନାଭି କମଳରୁ ବାହାର ହେଲା-ତୃତୀୟ ପାଦ। ଆଶ୍ଚର୍ଯ୍ୟ ଭାବରେ ଚକ୍ଷୁ ବିସ୍ଫାରିତ କରି ଚାହୁଁଛନ୍ତି ରାଜା ବଳି। ସଭାସଦଙ୍କ ସହ, ମୁନିଋଷି ମାନେ କର ଯୋଡି ବାମନ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି। ନାରଦ ଶୂନ୍ୟରେ ବୀଣା ବାଦନ କରି ନାରାୟଣ-ନାରାୟଣ-ନାରାୟଣ କହି ପହଞ୍ଚିଲେ।

"ମହାରାଜ ବଳି! ଆଉ ପାଦେ ଭୂମି ଦାନ ଦିଅ"- କହିଲେ ପ୍ରଭୁ ବାମନ। ନିସ୍ତରିଲି- ନିସ୍ତରିଲି ବୋଲି କହି- ରାଜା ବଳି ତାଙ୍କ ଶିରକୁ ବାମନ ଭଗବାନଙ୍କ ପାଦ ତଳେ ରଖିଲେ। ବଳିର ଶିରରେ ବାମନ ଭଗବାନଙ୍କ ପାଦ। ଭକ୍ତ ପ୍ରହ୍ଲାଦ ସ୍ୱର୍ଗରୁ ଆସି ପହଞ୍ଚିଲେ। ଧନ୍ୟ ବଳି! ମୋ ବଂଶରେ ତୁ ବିଷ୍ଣୁଙ୍କ ପାଦଲାଭ କରି ଆମକୁ ଧନ୍ୟ କଲୁ। ବାମନଙ୍କ ନାଭିରୁ ଯେଉଁ ପାଦ ବାହାରିଲା ସେହି ପାଦକୁ ବଳିର ଶିରରେ ରଖି ପାତାଳକୁ ଚାପିଦେଲେ। ବାମନ ଭଗବାନ କହିଲେ ବଳି! ତୁ କି ବର ମାଗୁଛୁ, ମାଗ! ନୟନରୁ ଆନନ୍ଦାଶ୍ରୁ ଝରାଇ ବଳି କହିଲା -ପ୍ରଭୁ ଆଉ କିଛି ବରର ପ୍ରୟୋଜନ ନାହିଁ, ମୁଁ ସବୁ ପାଇଛି। କେବଳ ମୋର ପ୍ରାର୍ଥନା- ପ୍ରଭୁ! ଆପଣ ପାତାଳ ପୁରରେ ମୋ ପୁରର ଦ୍ୱାର ଦେଶରେ ପ୍ରହରୀ ଭାବରେ ରହିବେ। ତଥାସ୍ତୁ କହିଲେ ଭଗବାନ ବାମନ। ବଳି ତନ-ମନ-ଧନ ପ୍ରଭୁଙ୍କୁ ଅର୍ପଣ କଲେ।

ଶିରସି ଦେହ ନଃ
ଶ୍ରୀ ବସ୍ତ୍ର ଗ୍ରହମ,
ପଦଂ ତୃତୀୟଂ ଶିର୍ଣ୍ଣେ
ମେ ନିଜମ୍।
ବଳି ଜୀବାତ୍ମା
ଭଗବାନ ପରମାତ୍ମା ।
ଭଗବାନଙ୍କର ତିନି
ଚରଣ-ସତ୍ତ୍ୱ, ରଜ, ତମ।
ବଳି ରହିଲେ ସୁତଳ ପାତାଳରେ।

ପ୍ରଭୁ ବାମନ ସତ୍ୟବଦ୍ଧ ହୋଇ ବଳି ଦ୍ୱାରରେ ହେଲେ ଦ୍ୱାରପାଳ। ସ୍ୱର୍ଗରେ ଚାରିଆଡେ ବାମନ ଭଗବାନଙ୍କୁ ଖୋଜି ମହାଲକ୍ଷ୍ମୀ ଦୁଃଖରେ ବ୍ରାହ୍ମଣୀ ରୂପ ଧରି ପାତାଳରେ ବଳିପୁରରେ ପହଞ୍ଚିଲେ। ସେ ବଳିଙ୍କୁ କହିଲେ- ଆଜିଠାରୁ ମୁଁ ତୁମର ଧର୍ମର ଭଉଣୀ। ମୋର ଭାଇ ନାହିଁ ଓ ତୁମର ଭଉଣୀ ନାହିଁ। ବଳି ଆନନ୍ଦରେ ବିଭୋର।

ଶ୍ରାବଣ ମାସ ରାକ୍ଷୀ ପୂର୍ଣ୍ଣିମା । ସେଦିନ ଲକ୍ଷ୍ମୀ ଆସି ବଳି ହସ୍ତରେ ରକ୍ଷା ବାନ୍ଧି ଦେଲେ ।

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ,
ବାଲେଶ୍ୱର




ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।

ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

# ଦି ଟଲ ମେନ ଅଫ ଓଡ଼ିଶା

ସୁବ୍ରତ କର



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗତଥର ଦି ଟଲ ମେନ୍ ଅଫ ଓଡ଼ିଶାଙ୍କ ଉପରେ ମୋର ନିଜର କିଛି ଅଭିଜ୍ଞତା ଲେଖିଥିଲି। ଆଜି ମଧ୍ୟ ସ୍ମୃତି ପଟରେ ଭାସୁଥିବା କିଛି ପୁରୁଣା କଥା ଆପଣମାନଙ୍କ ପାଖରେ ଥୋଇବି। ଆମ ରାଜ୍ୟରେ ଏଭଳି ମଣିଷ ବାରମ୍ବାର ଜନ୍ମନେବା ହୁଏତ ବିରଳ ଘଟଣା ଏବଂ ସେହି ମଣିଷର ଶହେ ବର୍ଷ ଆଗର ଚିନ୍ତାକୁ ପ୍ରକାଶ କରିବା ଏବଂ କାର୍ଯ୍ୟରେ ପରିଣତ କରିବା ହୁଏତ ଆହୁରି ବିରଳ। ତାଙ୍କର ସ୍ପଷ୍ଟବାଦିତା ଏବଂ ସ୍ପଷ୍ଟ କହିବାର ମଧ୍ୟ ଅତି ବିରଳ। ଏତେ ବିରଳକୁ ନେଇ ଏହି ମଣିଷଟିଏ ବିଜୁ ବାବୁ। ଥରେ କହୁ କହୁ ବିଜୁବାବୁ କହିଥିଲେ ସାମ୍ବାଦିକମାନଙ୍କ ଉତ୍ତରରେ ଓଡ଼ିଶାର ରାଜଧାନୀ କଲିକତା ଏବଂ ଏହାକୁ ମଧ୍ୟ ଯୁକ୍ତିଦେଇ ସତରେ ପରିଣତ କରିଥିଲେ। କଲିକତାରେ ଓଡ଼ିଆ ଲୋକ ପ୍ରାୟ ସେତେବେଳେ ୧୨ ଲକ୍ଷ ପାଖାପାଖି ରହୁଥିଲେ ଏବଂ ଆମ ରାଜଧାନୀର ଜନସଂଖ୍ୟା ୮-୯ ଲକ୍ଷ ମଧ୍ୟରେ ଥିଲା। ତାଙ୍କର ଯୁକ୍ତିଥିଲା ଯେଉଁ ସହରରେ ଆମ ଓଡ଼ିଆଙ୍କ ସଂଖ୍ୟା ଯେତେବେଶ ସେହି ସହରକୁ ଓଡ଼ିଶାର ରାଜଧାନୀର ଆଖ୍ୟା ଦେଇଥିଲେ କାରଣ ସେ ଖାଲି ଓଡ଼ିଶାର ନଥିଲେ ସେ ସାରା ଭାରତର। କଲିକତା, ବମ୍ବେ ହେଉ ବା ସୁରତ ହେଉ।

ଏବେ ଆସିବା ଆଉ ଏକ ଘଟଣାକୁ। ସେ ସମୟରେ ସାରା ଦେଶରେ ନେତା ହିସାବରେ ଓଡ଼ିଶାରୁ ବିଜୁବାବୁଙ୍କୁ ସମସ୍ତେ ଗ୍ରହଣ କରିଥିଲେ। ଇଣ୍ଡିଆ ଟି.ଭି.ର ବାବୁ ରଜତ ଶର୍ମା ସବୁ ବଛା ବଛା ନେତା, ବିଶେଷ ବ୍ୟକ୍ତିତ୍ୱ ଥିବା ଲୋକଙ୍କୁ ନିମନ୍ତ୍ରଣ କରି ତାଙ୍କ ଟିଭିରେ ଇଣ୍ଟରଭିଉ ନେଉଥିଲେ ଏବଂ ସେ ସମୟରେ ଏହି ପ୍ରୋଗ୍ରାମ ଅତି ଲୋକପ୍ରିୟ ହୋଇପାରିଥିଲା। ଓଡ଼ିଶାର ପାଳି ବହୁତ ପରେ ପଡ଼ିଲା ଏବଂ ବିଜୁବାବୁ ନିମନ୍ତ୍ରିତ ହୋଇ ଇଣ୍ଡିଆ ଟିଭିରେ ତାଙ୍କର ଘଂଟାଏ କାଳ ଇଣ୍ଟରଭିଉ ଦେଇଥିଲେ। ସେହି ପ୍ରଶ୍ନକାଳ ମଧ୍ୟରେ ରଜତ ବାବୁ ପଚାରିଥିଲେ ଯେ ଆପଣ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ କଟକରେ ଶୈଳବାଳା ଓମେନ୍ସ କଲେଜକୁ ମୁଖ୍ୟ ଅତିଥି ହୋଇ ଯାଇଥିଲେ ଏବଂ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ସମୟ ଧାର୍ଯ୍ୟ ହୋଇଥିଲା ୪୫ ମିନିଟ୍, କିନ୍ତୁ ସେହି କଲେଜରେ ଆପଣ ପାଖାପାଖି ୨ ଘଂଟା ସମୟ ବିତାଇଥିଲେ ଏବଂ ଏହା କେମିତି ସମ୍ଭବ ହେଲା? ଉତ୍ତର ରଖିଥିଲେ ମୁଁ ଝିଅମାନଙ୍କୁ ଭଲପାଏ ଏବଂ ଏତେଗୁଡ଼ାଏ ନାତୁଣୀଙ୍କ ଗହଣରେ ସମୟ ବିତାଇବାକୁ କାହାକୁ ଭଲ ନ ଲାଗିବ। ମୁଁ ସେ ଇଣ୍ଟରଭିଉ ଦେଖିଥିଲି ଏବଂ ଉତ୍ତର ପାଇଲା ପରେ ରଜତ ବାବୁ ହସି ଦେଇଥିଲେ ଏବଂ ଦର୍ଶକ ଗେଲେରୀରୁ ତାଳି ଉପରେ ତାଳି ପଡ଼ିଥିଲା।

ପର ଘଟଣା ଘଟିଥିଲା ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କର ଜଣେ କେବିନେଟ ପାହ୍ୟାର ମନ୍ତ୍ରୀ ସାଧାରଣ ସଭାରେ ବସିଥିବାବେଳେ କିଛି କୁକର୍ମ କରିଥିଲେ ଏବଂ ଏହି ଘଟଣାଟି ଅତି ପ୍ରଘଟ ହୋଇଥିଲା ଏବଂ ସମସ୍ତେ ଭାବିଥିଲେ ସେ ବାବୁଙ୍କର ମନ୍ତ୍ରୀତ୍ୱ ନିଶ୍ଚୟ ପଳେଇବ। ଜାତୀୟ କଂଗ୍ରେସର ନାରୀନେତ୍ରୀମାନେ ସେ ମନ୍ତ୍ରୀ କେବେ ଦିଲ୍ଲୀ ଆସିଲେ ତାଙ୍କୁ ଚୁଡ଼ି ପିନ୍ଧିଇବେ। ଏହି ଅବସ୍ଥାରେ କିଛିଦିନ ପରେ ହଠାତ୍ ବିଜୁବାବୁ କହିଲେ ଏତେଦିନ ପରେ ମୋର କେବିନେଟରେ ଜଣେ ଟାଣୁଆ ମନ୍ତ୍ରୀ ଅଛି ଜାଣିଲି ଏବଂ ତାର ସାହସ ମଧ୍ୟ ଅଛି। ଏହାପରେ ସବୁ ଚୁପ୍ ଚାପ୍ ହୋଇ ଯାଇଥିଲା। କିନ୍ତୁ ଦୁଃଖର କଥା ସେ ଭଦ୍ରଲୋକ ଏବେ ମଧ୍ୟ ଅଛନ୍ତି। ବିଜୁବାବୁଙ୍କ ଅନେକ ଏହିପରି ଘଟଣା ସବୁ ଅଛି ଏବଂ ଲେଖିଲେ କାଗଜ କମ୍ ପଡ଼ିଯିବ।

(ସମାପ୍ତ)

କବିତା କୋଣାର୍କ

## ଚାରି ସାଙ୍ଗ ଭେଟ ହୋଇଲେ..

ଶରତ କୁମାର ଦାସ

ମଦନା ,ଗୋପାଳ, ମାଧିଆ, ପହଲା
ଚାରି ସାଙ୍ଗ ଭେଟ ହୋଇଲେ,
ଚାକିରି ତ ଗଲା ରୋଜଗାର ଗଲା
କିପରି ଚଳିବେ ବୋଇଲେ ।

ଦୂର ରାଇଜକୁ ଯାଇଥିଲେ ଚାଲି
କରୁଥିଲେ କାମ ଭଲରେ,
ଦିନ ରାତି ସବୁ ଏକାଠି କରିକି
ଖଟୁଥିଲେ ସୂତା କଳରେ ।

ଏବେ ତ ଅବସ୍ଥା ଖରାପ ହେଲାଣି
ପଇସାଟି ନାହିଁ ପାଖରେ,
ପିଲାଛୁଆଙ୍କର ମୁହଁକୁ ଥରେଟି
ଅନେଇ ହେଉନି ଦୁଃଖରେ ।

ମଦନା କହିଲା- ଶୁଣ ଶୁଣ ସାଙ୍ଗ
କାହିଁକି ଆମେ ତ ଡରିବା,
ଜମି ବାଡି ଆମ ପଡିଆ ପଡିଛି
ଚାଷକାମ ଭଲେ କରିବା ।

ପର ଘରେ ଆମେ ମୁଣ୍ଡ ବିକିବାନି
ନିଜ କାମ ନିଜେ କରିବା,
ସାରା ଦୁନିଆକୁ ଆହାର ଯୋଗେଇ
ଖୁସିର ମହକ ଭରିବା ।

ହିଡ ମାଟି ପରା ହିତରେ ଲଦିଲେ
କଟିଯିବ ଦିନ ହସିରେ,
ବରଷଟାଯାକ ଦାନା ମିଳିଯିବ
ଖାଉଥିବା ଆମେ ବସିରେ ।

ଧାନ ସାଥେ ପୁଣି ଗହମ,ମାଣ୍ଡିଆ
ମୁଗ,ବିରି ଚାଷ କରିବା,
କୋବି, ବାଇଗଣ,
ପୋଟଳ, ବିଲାତି
ଯେତେ ରକମର ପରିବା ।

ବାଡିରେ ବୁଣିବା ଖଡା, ନେଉଟିଆ
କୋଶଳା, ପାଳଙ୍ଗ ଶାଗରେ,
ଟଟକା ଶାଗକୁ ଟଟକା ପରିବା
ଚଳିଯିବା ବଡ ବାଗରେ ।

ଘର ଖରଚ ତ ମେଣ୍ଟିବ କିଛିଟା
ବଳକା ବିକିବା ହାଟରେ,
କଥାଟି ସଭିଙ୍କ ମନକୁ ପାଇଲା
ଚାଲିଗଲେ ଯେଝା ବାଟରେ ।

+ବଡବିଲ ମହାବିଦ୍ୟାଳୟ,
ବଡବିଲ,କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଏଇ ତ ପ୍ରେମ...

ତପନ କୁମାର ସାହୁ



ତୋ ଆଖିର ଚୋରା ଚାହାଣୀରେ
ମୁଁ ହାରିଦେଲି ମୋ ବାକି
ଆୟୁଷ ଓ ନିଶ୍ୱାସକୁ
ଅଜାଡ଼ି ଦେଲି ତୋ ପାଦତଳେ
ମୋର ଦେହ, ମନ, ଆତ୍ମା
ମାନ, ଅଭିମାନ,
ରାଗ, ଅନୁରାଗ
ମୋହ, ମୁକ୍ତି, ଦିନ, ରାତି,
ଅନ୍ଧାର, ଆଲୁଅ
ସବୁରେ ତ ଏବେ ତୁମରି ରାଜୁତି !

ତୋ ଭାବନାର ସ୍ୱର୍ଶ ଏବେ ଏବେ
ମୋ ନିଶ୍ୱାସରେ ଗଣ୍ଠି ପକେଇ ଦିଏ
ମୋ ସ୍ପନ୍ଦନର ନାହିଁ ମୃତ୍ୟୁ ଭୟ
ସମର୍ପି ଦେଇଛି ମୋ
ଓଠର ହସ, ଆଖିର ଲୁହ
ଛଅ' ଋତୁର ମୋହ !

ମୁଁ ହଜୁ ଥାଏ ହଜାଉ ଥାଏ
ମୋର ଚେତନାର ପ୍ରତିଟି ମୁହୂର୍ତ୍ତ
ଏବେତ ଶୋଇବାକୁ ବି ଭୟ
ସ୍ୱପ୍ନ ସାଜେ ବିଜୁଳି ସ୍ୱର୍ଶ
ଛାଇ ନିଦରେ ଶିହରି ଉଠେ ଦେହ !

ଏବେ ତ ତୁମ ଆଖିର ଲୁହରେ
ତରଳି ଯାଏ ମୋ ପୌରୁଷ
ଏଇ ତ ବୋଧେ ପ୍ରେମ
ଏବେ ଖାଲି ଅପେକ୍ଷା !

ତୋ ଓଠରୁ ଶୁଣିବାକୁ
ସେ ତିନି ପଦୀ ପ୍ରେମ ଗଜଲ୍
ତାପରେ ତୋ ଓଠର ହସ
ମୁଁ ହସିବି
ମୋ ଆଖିର ଲୁହରେ
ତୋ ଆଖି ଭିଜିବ
ବୋଧେ ସେ ହିଁ
ହବ ପ୍ରକୃତ ପ୍ରେମ !

+ବେଲଗାଁ, କଳାହାଣ୍ଡି
ମୋ.୯୦୧୯୩୧୧୮୬୮

● ଧାରାବାହିକ ଆତ୍ମଜୀବନୀ ●

ଭାଗ-୮

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

## ରମାକାନ୍ତ ବେହେରା



(ପୂର୍ବ ପ୍ରକାଶିତ ଉତ୍ତାରୁ)

- ଆଜ୍ଞା ତାହେଲେ ଏଠିବି ନାହିଁ। ବୃଥାରେ ଏତେବାଟ ଧଇଁ ସଇଁ ହୋଇ ଆସିଲି। ହେଉ ବସ୍ ଟାଇମ୍ ହେଲାଣି, ମୁଁ ଯାଉଛି। ଯୁବକଟି ଦୀର୍ଘଶ୍ୱାସ ଛାଡ଼ି ଘୁରି ପଡ଼ିଲା।

ଯୁବକଟି ମୁହଁ ଶୁଖାଇ ଫେରିଲା ବେଳେ କାଳୀପଦ ବାବୁ ହସି ହସି କହିଲେ ସାର୍ ଆଉ କୌତୁହଳ ବଢ଼ାନ୍ତୁ ନାହିଁ। ତାପରେ ଡାକିଲେ- 'ଏ ବାବୁ ଫେରିଆସ, ବହି ଅଛି, ଏତେ ସମୟ ଯାହାଙ୍କ ସହ କଥା ହେଲ, ସେ କିଏ ଜାଣ ?

- ସେ ଦୋକାନୀ ନୁହନ୍ତି କି ?

- ନା, ମୁଁ ଦୋକାନୀ, ସେ ହେଲେ ତୁମ ବହିର ଲେଖକ।

ଯୁବକଟି ଚମକି ପଡ଼ି କହିଲା- 'ସାର୍ କ୍ଷମା କରିବେ ମୁଁ ଚିହ୍ନି ପାରିନି', ଭିତରକୁ ଆସି ମୋ ପାଦରେ ମୁଣ୍ଡ ଛୁଏଁଇବା ପୂର୍ବରୁ ମୁଁ କୁଣ୍ଢାଇ ନେଲି। ଆଶୀର୍ବାଦ କଲି। କହିଲି- ବାଇଡ଼ଙ୍କ ବାବୁଙ୍କୁ ଶୁଭେଚ୍ଛା ଦେବ, ସେଠାକାର ସୁନ୍ଦର ବନଭୂମି, ଶ୍ରଦ୍ଧାଳୁ ଲୋକଙ୍କ ଆତିଥ୍ୟ ମୁଁ ଭୁଲି ପାରିବି ନାହିଁ। ହେଉ ବାପା, ଏତେ ଦୂରରୁ ଆସିଛ, ଯେତେଖଣ୍ଡ ଇଚ୍ଛା ନିଅ, ତୁମ ନିଜପାଇଁ ମୁଁ ଲେଖକ ହିସାବରେ ଖଣ୍ଡେ ଉପହାର ଦେଉଛି। ତମ ନାମ କୁହ, ବହିଟି ତାଙ୍କ ନାମରେ ଉପହାର ବୋଲି ଲେଖିଦେଲି ସ୍ୱାକ୍ଷର ସହ।

ଯୁବକଟି କୃତକୃତ୍ୟ ହୋଇ କେତେଖଣ୍ଡ କିଣି ଫେରିଲା।

ଜଣେ ଲେଖକଙ୍କୁ ନଚିହ୍ନି ତାଙ୍କୁ ଆଗ୍ରହରେ ତାଙ୍କଠୁ ଖୋଜିବା ଏବଂ ତାଙ୍କ ଅଜଣାରେ ପ୍ରଶଂସା କରିବା ମୋ ଭଳି ସାମାନ୍ୟ ଲେଖକଙ୍କ ଜୀବନରେ କେତେ ଦୁର୍ଲଭ ଅନୁଭବ ତାହା କେତେ ଜଣଙ୍କ ଭାଗ୍ୟରେ ମିଳେ ? ଏହା ବା କିଏ ବିଶ୍ୱାସ କରନ୍ତା ? କିନ୍ତୁ ଆନନ୍ଦର କଥା ପ୍ରକାଶକଙ୍କ ଆଗରେ ହିଁ ଘଟିଲା, ସେ ହିଁ ସାକ୍ଷୀ, ନଥିଲେ ଏ ଅବତାରଣାକୁ ସମସ୍ତେ ମୋର ବୃଥା ଆତ୍ମଶ୍ଳାଘ ଭାବନ୍ତେ।

ବହିଟିର ୨ୟ ସଂସ୍କରଣ ୨୦୧୪ରେ ହେଲା। ବହିଟି ପାଇଁ ବିଖ୍ୟାତ ପୁରସ୍କାର ପାଇନାହିଁ। ସେଭଳି ଯୋଗସୂତ୍ର ଲବି କରିବାର ହବି ମୋର ନାହିଁ। କିନ୍ତୁ କେବଳ ଏ ଦୁଇଟି ଘଟନା ନୁହେଁ ଏ ବହିନେଇ ବହୁ ସୁଧୀ ପାଠକଙ୍କ ହୃଦୟର ସ୍ୱର୍ଶ ମୁଁ ପାଇଛି। ଏକାଡେମୀ ପୁରସ୍କାର ସେଠି ତୁଚ୍ଛ। ଏହା ମୋର ହୃଦୟହିଁ ବୁଝେ। ବହୁ ବର୍ଷୀୟାନ୍ ଜ୍ଞାନୀ ଗୁଣୀ ପିତୃପ୍ରତିମ ସାରସ୍ୱତ ସାଧକ ଜୀବନ ସାୟାହ୍ନରେ ବହୁ ଅବଶୋଷ ପ୍ରକାଶ କରିଛନ୍ତି 'ଆହା, ଆଗରୁ ଯଦି ଆପଣଙ୍କ ସାନ୍ନିଧ ପାଇଥାନ୍ତୁ, ପରିଚିତ ହୋଇଥାନ୍ତୁ, ଜୀବନର ଶେଷ ବେଳକୁ ଜାଣିଲୁଁ, ପ୍ରାଣ ଅତୃପ୍ତ ରହିଲା।

॥ ବ୍ୟତିକ୍ରମ ସୃଷ୍ଟି ସାଧନା ॥

ମୋର ସାରସ୍ୱତ ସାଧନାର କିଛି ବ୍ୟତିକ୍ରମ ସ୍ମୃତି ଓ କୃତିକୁ ଏ ଅବକାଶରେ ସ୍ମରଣ କରୁଛି। ସଂସ୍କୃତରେ ବିଦ୍ୱାନ ହେବାର ସୌଭାଗ୍ୟ ମୋ ଜୀବନରେ ଆସିନାହିଁ। କେବଳ ମାଟ୍ରିକ ପାଠରେ ଯାହା ସାଧାରଣ ଶିକ୍ଷା ଥିଲା। ମୁଁ ପ୍ରାଥମିକ ଶିକ୍ଷକ ଥିଲାବେଳେ ଭାରତର ଅନ୍ୟତମ ଯୁଗପୁରୁଷ ସଂବିଧାନ ପ୍ରଣେତା ଆମ୍ବେଦକର ମନୁସ୍ମୃତିକୁ ହଜାର ହଜାର ଲୋକଙ୍କ ଆଗରେ ଲୋକଙ୍କ ଅଗ୍ନିଦଗ୍ଧ କରି ପାଞ୍ଚହଜାରରୁ ଉର୍ଦ୍ଧ୍ୱ ହରିଜନଙ୍କ ସହ ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ବୋଲି ଜାଣିଥିଲି। କାରଣ ତାଙ୍କର କ୍ରୋଧ ବଢ଼ିଲା ଯେତେବେଳେ ସେ ଜାଣିଲେ ଭାରତର ପ୍ରଚଳିତ ଜାତିବ୍ୟବସ୍ଥା, ନୀଚ ଜାତିକୁ ପ୍ରଚଣ୍ଡ ଘୃଣାରେ ଅସ୍ପୃଶ୍ୟ କହି ଲାଞ୍ଛନା ଦେବା, ନାରୀକୁ ପୁରୁଷଠୁଁ ହୀନ ପ୍ରତିପନ୍ନ କରି ପୁରୁଷଙ୍କୁ ସବୁଥିରେ ଆଗ୍ରାଧିକାର ଦେବା, ବ୍ରାହ୍ମଣଙ୍କୁ ଦେବତୁଲ୍ୟ ସମ୍ମାନ ଏବଂ ଅନ୍ୟ ଜାତି ବିଶେଷତଃ ଶୂଦ୍ରଙ୍କୁ ସଭିଙ୍କ ସେବକ ରୂପେ ପାଦତଳେ ଚାପି ରଖିବାର ଘୃଣ୍ୟ ବ୍ୟବସ୍ଥା ଦଶହଜାର ବର୍ଷ ପୂର୍ବରୁ ମାନବ ସଭ୍ୟତା ଆଦ୍ୟଉନ୍ମେଷ ଯୁଗରେ ମହର୍ଷି ମନୁଙ୍କ ପ୍ରଣିତ ସ୍ମୃତିରେ ରହିଛି। ଆମ୍ବେଦକର ଭଳି ବିଦ୍ୱାନ ଏ ଅପବାଦକୁ ଧ୍ରୁବ ସତ୍ୟବୋଲି ଗ୍ରହଣ କରିବାରୁ ସେତେବେଳର ତଥା ପରବର୍ତ୍ତୀ ଅଧିକାଂଶ ମୂର୍ଦ୍ଧନ୍ୟ ନେତୃମଣ୍ଡଳୀ ପ୍ରଖ୍ୟାତ ଲେଖକ ମଧ ଏହାକୁ ସମର୍ଥନ କଲେ। ଏହା ଜାଣିଲାପରେ ମୋ ମନରେ ସଂଶୟ ସୃଷ୍ଟିହେଲା- କଣ ସତରେ ମନୁସ୍ମୃତିରେ ଏସବୁ ରହିଛି ? ଯଦିଥାଏ ତେବେ ତାହା ଅଗ୍ନିଦଗ୍ଧ ହେବା ଉଚିତ, କିନ୍ତୁ ଏହାର ସତ୍ୟତା କିପରି ଜାଣିବି ?

ମୁଁ ପ୍ରଥମେ ଆମ ଗ୍ରମରେ ଥିବା ପ୍ରାୟ ଶତବର୍ଷର ପ୍ରାଚୀନ ସଂସ୍କୃତ ବିଦ୍ୟାପୀଠ ଶ୍ୟାମସୁନ୍ଦର ମହାବିଦ୍ୟାଳୟର ଅଧକ୍ଷ ତଥା ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ଅତିଥି ଅଧାପକ ରାଷ୍ଟ୍ରପତି ସମ୍ମାନିତ ଭାରତ ବିଖ୍ୟାତ ପଣ୍ଡିତ ସ୍ୱର୍ଗତ ପଣ୍ଡିତ ପୁଣ୍ଡରିକାକ୍ଷ ମିଶ୍ରଙ୍କୁ ଭେଟିଲି, ମୋର ଜିଜ୍ଞାସାର ଯଥାର୍ଥ ଉତ୍ତର ପାଇଲି ନାହିଁ। ସେ ବୃଦ୍ଧ, ଆଉ ଏ ବୟସରେ ଅଧୟନ କରି ପ୍ରକୃତ ସତ୍ୟ ଜାଣିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। 'ଯୌବନ ବା ମଧ୍ୟବୟସରେ ଏ ନେଇ ଚିନ୍ତା କରି ନାହାନ୍ତି ?' ନମ୍ର ଭାବେ ପ୍ରଶ୍ନ କରନ୍ତେ ସେ ମଧ ନାସ୍ତି ବାଣୀ ଶୁଣାଇଲେ। ମନୁସ୍ମୃତି ମଧ କଲେଜ ଗ୍ରନ୍ଥାଳୟରେ ନାହିଁ। କେବଳ ଯେଉଁ ଶ୍ଳୋକାବଳି ପଢ଼ାଯାଏ ତାରି ଟୀକା ବହି ଅଛି।

କଟକର କୌଣସି ପୁସ୍ତକ ଦୋକାନରେ ପାଇଲି ନାହିଁ। ଧର୍ମଗ୍ରନ୍ଥ ଷ୍ଟୋରରେ ମଧ ନାହିଁ। ଶୁଣିଲି ସେମାନେ ଦେଢ଼ ଶତବର୍ଷ ପୂର୍ବେ ୧୮୬୬ରେ ରାମଶଙ୍କର ରାୟଙ୍କ ସଂକଳିତ ମନୁସ୍ମୃତିକୁ ପୁନର୍ମୁଦ୍ରଣ କରିବା ପାଇଁ ସ୍ଥିର କରିଛନ୍ତି। କଲିକତାର କୌଣସି ପୁସ୍ତକାଳୟରେ ମଧ ପାଇଲି ନାହିଁ। ଶେଷରେ ଫୁଟପାଥ ବା ରାସ୍ତାଧାରରେ ଖୋଲା ପୁରୁଣା ବହି ଦୋକାନରୁ ୧୮୩୦ ମସିହାରେ ପ୍ରକାଶିତ ଏକ ଜୀର୍ଣ୍ଣ ମନୁସ୍ମୃତି ପାଇଲି। କିନ୍ତୁ ପରେ ଆଖିବୁଲାଇ ନିରାଶ ହେଲି। ସେଥିରେ ମାତ୍ର ଛ' ଅଧାୟ ଅଛି, ଅବଶିଷ୍ଟ ଛ ଅଧାୟ ଦ୍ୱିତୀୟ ଖଣ୍ଡରେ, ପୁଣି ଶ୍ଳୋକ ଗୁଡ଼ିକର ଅର୍ଥ କେବଳ ରହିଛି। ବିଶଦ ବ୍ୟାଖ୍ୟା ନାହିଁ। ମୋ ମନର ଜିଜ୍ଞାସାର ଉତ୍ତର ନାହିଁ। ଗୋରଖପୁର ଗୀତା ପ୍ରେସ୍ ସହ ସଂପର୍କ ରଖି ମଧ ନିରାଶ ହେଲି। କିଛି ବର୍ଷ ଗଲା। ଧର୍ମଗ୍ରନ୍ଥ ଷ୍ଟୋରରେ ପ୍ରକାଶ ପାଇଲା ପରେ ସଂଗ୍ରହ କଲି। ବହିଟି ଆଗ୍ରହରେ ପଢ଼ିଲି । ଆଶ୍ଚର୍ଯ୍ୟ ପରସ୍ପର ବିରୋଧୀ ଅର୍ଥ ବୋଧକ ଶ୍ଳୋକ ପର୍ଯ୍ୟାପ୍ତ ରହିଛି। ଯଥା ନାରୀର ପ୍ରଶଂସା (୩/୫୬), ନାରୀର ନିନ୍ଦା (୨/୨୮୦) ଶୂଦ୍ରର ପ୍ରଶଂସା (୧୦/୬୫), ଶୂଦ୍ରର ନିନ୍ଦା (୮/୨୦୨୨), ମାଂସ ଭକ୍ଷଣ ଉଚିତ(୫/୫୬), ମାଂସ ଭକ୍ଷଣ ନିଷିଦ୍ଧ (୫/୪୯), ବ୍ରାହ୍ମଣ ଦୋଷ କଲେ ଦଣ୍ଡନୀୟ ନୁହେଁ (୯/୩୧୯) ବ୍ରାହ୍ମଣ ଅଧିକ ଦଣ୍ଡନୀୟ (୮/୩୩୮) ଏହିପରି ପରସ୍ପର ବିରୋଧି ଶତାଧିକ ଶ୍ଳୋକ ରହିଛି। ଏ ସମ୍ବନ୍ଧରେ କୌଣସି ଯଥାର୍ଥ ବ୍ୟାଖ୍ୟା ବା ତାତ୍ପର୍ଯ୍ୟ ନାହିଁ।

କେଉଁଠି କିମିତି ପାଇବି ଏହାର ଯଥାର୍ଥ ଉତ୍ତର ? ଶେଷରେ ଏକ ବୁଦ୍ଧି ଆସିଲା ମୋର ମନର ସଂଶୟକୁ ସଂକ୍ଷେପରେ ଇଂରେଜୀରେ ଲେଖି ତାର ଉତ୍ତର କେଉଁ ବହିରେ ଅଛି ବା ନିଜେ ଲେଖଛନ୍ତି, ନ ଲେଖିଥିଲେ ଏସବୁର ଉତ୍ତର ତାଙ୍କ ମତରେ କ'ଣ, ଏ ସନ୍ଧ୍ୟାରେ ମୋ ପ୍ରେରିତ ରେଜେଷ୍ଟ୍ରି ଚିଠି ଭାରତର କୋଡ଼ିଏଟି ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟଙ୍କ ପାଖକୁ ପଠାଇ ଅପେକ୍ଷା କଲି। କିନ୍ତୁ ମୋ ଭଳି ସାମାନ୍ୟ ବ୍ୟକ୍ତିଙ୍କୁ ମହାମହିମ ସଂସ୍କୃତ ପ୍ରଫେସରମାନେ କାହିଁକି ବା ଖାତିର କରିବେ ? ବୋଧେ ମୋ ଚିଠିଗୁଡ଼ିକ ଡଷ୍ଟବିନ୍ ବା ଆବର୍ଜନାରେ ଫିଙ୍ଗା ଯାଇଥିବ। ଶେଷରେ ଦିନେ ବାଣୀବିହାର ସଂସ୍କୃତ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ରଘୁନାଥ ପଣ୍ଡାଙ୍କୁ ଭେଟି ନମ୍ରଭାବରେ ମୋ ଚିଠିର ଉତ୍ତର ଜିଜ୍ଞାସାରେ ଉତ୍ତର ପାଇଲି ତାଙ୍କର ସମୟ ନାହିଁ ଏ ସମ୍ବନ୍ଧରେ ଚିନ୍ତା କରିବାକୁ, ବରଂ ଆପଣ ନିଜେ ଚେଷ୍ଟା କରନ୍ତୁ।

ଅକାରଣ ବହୁ ସମୟ ନଷ୍ଟ ହେଲା। ତଥାପି ହତାଶ ନହୋଇ ନିଜେ ବିଚାର ବିଶ୍ଳେଷଣ ଆରମ୍ଭ କଲି। ଯେଉଁ ଶ୍ଳୋକ ଶାଶ୍ୱତ ସତ୍ୟ ତଥା ମାନବିକ କଲ୍ୟାଣ ଧର୍ମୀ ସେସବୁ ମୌଳିକ ଏବଂ ଯାହା ମାନବତା ବିରୋଧୀ ସେସବୁ ପରବର୍ତ୍ତୀ କାଳରେ ଭାଣ୍ଡ ପଣ୍ଡିତଙ୍କ ଦୁଷ୍ଟ ମତଲବରେ ଲେଖା ଯାଇଛି, ତେଣୁ ସେ ସବୁ ପ୍ରକ୍ଷିପ୍ତ। ଏଇ ପର୍ଯ୍ୟାୟରେ ଦୁଇଭାଗ କରି ପ୍ରକ୍ଷିପ୍ତକୁ ବାଦ ଦେଇ ମୌଳିକ ଶ୍ଳୋକ ଗୁଡ଼ିକୁ ଭାବମର୍ମ ଦୃଷ୍ଟିରୁ ବିଶ୍ଳେଷଣ କରି ସେ ସବୁର ଚିରାୟତ ମୂଲ୍ୟ ନିର୍ଦ୍ଧାରଣ କରି ତିରିଶଟି ପ୍ରବନ୍ଧରେ ସମାଜ, ପ୍ରଜାତନ୍ତ୍ର, ରାଷ୍ଟ୍ରଦୀପ ତଥା ଅନ୍ୟ ପତ୍ର ପତ୍ରିକାରେ ପ୍ରକାଶ କଲି। ତପରେ ସେସବୁର ଏକ ସଂକଳନ 'ସାଧାରଣଙ୍କ ପାଇଁ ମନୁସ୍ମୃତି' ଶୀର୍ଷକରେ ଚିତ୍ରୋତ୍ପଳା ପ୍ରକାଶନୀ ସାଲେପୁର ଦ୍ୱାରା ପ୍ରକାଶ ପାଇଲା। ୨୦୦୪ରେ, ତାର ଦ୍ୱିତୀୟ ସଂସ୍କରଣ ମଧ ୨୦୧୫ରେ ପ୍ରକାଶ ପାଇଲା। ପ୍ରମାଣ କଲି ମନୁସ୍ମୃତି ପ୍ରତି ଯେଉଁସବୁ ଆକ୍ଷେପ ରହିଛି ସେ ସବୁ ଭ୍ରମଧାରଣା ଉପରେ ପର୍ଯ୍ୟବେଶିତ। ପ୍ରକୃତରେ ମନୁସ୍ମୃତିରେ ନାରୀ ଓ ଶୂଦ୍ର ପ୍ରତି ପୁରୁଷ ଓ ବ୍ରାହ୍ମଣଙ୍କ ଅପେକ୍ଷା ଅଧିକ ସମ୍ମାନ ରହିଛି। ସମାନ ଦୋଷ ପାଇଁ ବ୍ରାହ୍ମଣ ଓ ପୁରୁଷଙ୍କୁ ଶୂଦ୍ର ଓ ନାରୀଠାରୁ ଅଧିକ ଦଣ୍ଡର ବ୍ୟବସ୍ଥା ଅଛି। ଜାତି ବିଧାନ ଗୁଣ ଓ କର୍ମାନୁସାରେ, ଜନ୍ମ ଅନୁସାରେ ନୁହେଁ। ଏହା ବ୍ୟବସ୍ଥା ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି। ଆମ୍ବେଦକରଙ୍କ ଭଳି ମହାନ ବିଦ୍ୱାନ ସ୍ୱାଧୀନତା ଆନ୍ଦୋଳନ ତଥା ଅନ୍ୟ ଜାତୀୟ କର୍ତ୍ତବ୍ୟ ସଂପାଦନରେ ବ୍ୟସ୍ତ ରହି ମନୁ ସ୍ମୃତିକୁ ନିବିଡ଼ ଭାବେ ଅନୁଧାନ କରିବାକୁ ଅବସର ପାଇନଥିବେ, ଉଚ୍ଚବର୍ଣ୍ଣଙ୍କ ଦ୍ୱାରା ଜନ୍ମଜାତି ପାଇଁ ଲାଞ୍ଛିତ ହୋଇ ତାଙ୍କର ମନୁସ୍ମୃତି ଉପରେ ଏ ରୂପ ବିରୂପ ଧାରଣା ହେବା ସ୍ୱାଭାବିକ ଥିଲା। ଅଧିକାଂଶ କମ୍ୟୁନିଷ୍ଟ ନେତୃମଣ୍ଡଳୀଙ୍କ ମଧ ଏ ଭ୍ରାନ୍ତ ଧାରଣା ରହିଛି।

କିଛିବର୍ଷ ପୂର୍ବରୁ ସୋର ରାଧାନାଥ ଉତ୍ସବରେ ଅତିଥି ହୋଇଥିବା ଆଇନଜୀବୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ ଲେଖକ ଗୁରୁଚରଣ ପଟ୍ଟନାୟକଙ୍କ ପ୍ରସଙ୍ଗ ନଥାଇବି ତାଙ୍କ ବକ୍ତବ୍ୟରେ ମନୁସ୍ମୃତିର ପ୍ରକ୍ଷିପ୍ତ ଶ୍ଳୋକ ଉପରେ କଠୋର ସମାଲୋଚନା କଲେ, ମୁଁ ସଭାପରେ ଡାକବଙ୍ଗଳାରେ ତାଙ୍କୁ ନମ୍ର ଭାବେ କହିଲି ମନୁସ୍ମୃତିର ପ୍ରକ୍ଷିପ୍ତ ଶ୍ଳୋକ ଉପରେ ଗୁରୁତ୍ୱ ଦେଲେ କିନ୍ତୁ ମାନବିକ ଚେତନାଭିତ୍ତିକ ଚିରାୟତ ଶ୍ଳୋକ ଉପରେ ଧ୍ୟାନ ଦେଲେ ନାହିଁ, ମୋତେ ଉପେକ୍ଷା କରି କହିଲେ 'ଆମ ଦର୍ଶନକୁ ସୁହାଇଲା ଭଳି ଆମେ ଶାସ୍ତ୍ରାର୍ଥ କରୁଁ।'

ମୁଁ ପୁଣି ନମ୍ର ଭାବରେ କହିଲି - ଆଜ୍ଞା ଆପଣ ପ୍ରବୀଣ ଆଇନଜୀବୀ, ଉଭୟ ପକ୍ଷକୁ ବିଚାର କରି ସିଦ୍ଧାନ୍ତ ନେବାକଥା, କେବଳ ଗୋଟିଏ ଦିଗ ଉପରେ...

ମୋ ବକ୍ତବ୍ୟକୁ ଶେଷ କରିବାକୁ ନଦେଇ ସେ ବିରକ୍ତ ହୋଇ ଉଠିଲେ, 'ଦେଖନ୍ତୁ ମୁଁ ବର୍ତ୍ତମାନ ବିଶ୍ରମ ନେଉଛି, ଏ ନେଇ ତମ ଭଳି ଯୁବକ ସହ ଆଲୋଚନା କରିବାକୁ ମୁଁ ଚାହେଁନା'। ଏହାହିଁ ଜାତିର ଦୁର୍ଭାଗ୍ୟ। ମୋ ପୁସ୍ତକର କିଛି ବର୍ଷ ପରେ ମହାନ ଶାସ୍ତ୍ରଜ୍ଞ ପଣ୍ଡିତ ଇଂ ପ୍ରିୟବତ ଦାସ 'ଶୁଦ୍ଧ ମନୁସ୍ମୃତି' ପ୍ରକାଶ କଲେ। ମାତ୍ର 'ମନୁସ୍ମୃତି' ଉପରେ କାଳକ୍ରମେ ଯେଉଁ ଭ୍ରମ ଧାରଣା ସମାଜରେ ସୃଷ୍ଟି ହୋଇଆସିଛି ତାର ଯଥାର୍ଥ ଉତ୍ତର ଉପରେ ସେ ଧ୍ୟାନ ଦେଇ ନାହାନ୍ତି।

ତାପରେ 'ସଂସ୍କୃତ ଏକ ମାତୃଭାଷା' ଏ ଅପବାଦ କେତେଦୂର ଯଥାର୍ଥ ? ଏ ନେଇ ଚିନ୍ତା କଲି। ମୁଁ ତ ସଂସ୍କୃତ ଅନଭିଜ୍ଞ କିମିତି କେଉଁ ବହିରୁ ଏହାର ଉତ୍ତର ପାଇବି ? ପୂର୍ବଭଳି ସଂସ୍କୃତ ବିଦ୍ୱାନଙ୍କଠାରୁ ନିରାଶ ହୋଇ ନିଜେ ଦୀର୍ଘ ବର୍ଷ ଅଧବସାୟ, ଗବେଷଣାରେ ମଗ୍ନ ରହିଲି।

ପ୍ରଥମେ ପ୍ରବନ୍ଧ ଲେଖିଲି 'ବିଶ୍ୱଭାଷା ସଂସ୍କୃତ ଏବଂ ଆମ ଭବିଷ୍ୟତ', ତାହା ରାଷ୍ଟ୍ରଦୀପ ପୂଜା ସଂଖ୍ୟା ୧୯୯୪ରେ ପ୍ରକାଶିତ ହେଲା। ଅବଶ୍ୟ ସେ ଲେଖାଟି ପାଇଁ ବହୁ ଶ୍ରଦ୍ଧାଳୁ ପାଠକଙ୍କଠାରୁ ପ୍ରଶଂସା ସୂଚକ ପତ୍ର ପାଇଲି।

(କ୍ରମଶଃ)

+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬

● ଆଜିର୍ ଗଳ୍ପ ●

# ରକ୍ତ ଗୋଲାପର ଶବ୍ଦ ଲିପି

## ବିଭୁତି ଭୂଷଣ ସେନାପତି



ଓ ! କି ଚମତ୍କାର ଦ୍ୱିତୀୟା ତିଥିର ଜହ୍ନ। ଆଲୁଅ କି ଅନ୍ଧକାରର ଭିଡ଼ ଆକାଶରେ ଆଦୌ ନାହିଁ କହିଲେ ଚଳେ। ଏକ ସ୍ନିଗ୍ଧ ଆଲୋକର ପ୍ରତିଛାୟା ଯେମିତି ସାରା ଆକାଶକୁ ଆବୃତ କରି ରଖିଛି। ଲିସା ଓଠରେ ଚେନାଏ ସରୁ ହସ। ପ୍ରତିଶ୍ରୁତିର ପାହାଚ ଉପରେ ଦିଶୁଛି ପୃଥିବୀର ଭୌଗୋଳିକ କାନ୍ଥଟଙ୍ଗା ମାନଚିତ୍ର। କିଛି ସମୟ ପାଇଁ ଗୁଣୁ ଗୁଣୁ ହେଇ ଲିସା ଗାଉଥିଲା ଇଆଡୁ ସିଆଡୁ ଗୀତ ଦୁଇ ପଦ। ହଠାତ୍ ଟେବୁଲ ଉପରେ ଥିବା ଟେଲିଫୋନର ରିଂ ବାଜି ଉଠିଲା...।

-ଏତେ ରାତିରେ କିଏ ରିଂ କଲା !

ଆଂଜୁଳାଏ ଜହ୍ନ ଆଲୁଅର ନିଷ୍ପ୍ରଭତା ଭିତରେ ହୃଦୟର ଶିହରଣ ଖେଳାଇ ଦେଲା ଅଜଣା ପୁରୁଷର କଣ୍ଠସ୍ୱର।

-ସରୋଜ ବାବୁଙ୍କ ମିସେସ କହୁଛନ୍ତି ?

- ହଁ, କୁହନ୍ତୁ।

-ସରୋଜ ବାବୁ ସନ୍ତ୍ରାସବାଦୀଙ୍କ ସହ ସାମିଲ ହେବାର ଗୁପ୍ତ ରିପୋର୍ଟ ଭାରତ ସରକାରଙ୍କ ହସ୍ତଗତ ହୋଇଛି। ତେଣୁ ତାଙ୍କୁ ଦେଶଦ୍ରୋହୀ ଅପରାଧରେ ଦଣ୍ଡିତ କରାଯାଇଛି।

-ହେଲୋ... ହେଲୋ...

-କିଛି ସମୟ ପାଇଁ ଲିସା ପ୍ରକୃତିସ୍ଥ ହୋଇ ପାରିନଥିଲା। ମୁଁ ସ୍ୱପ୍ନ ଦେଖୁନାହିଁ ତ ? ସରୋଜ ବାବୁ ଦେଶ ଦ୍ରୋହୀ, ନା, ଏସବୁ ମିଛ।

-ଅତର୍କିତ ଫାଇଲିନର ସ୍ପନ୍ଦନ ଭିତରେ ଲିସା ରୋମନ୍ଥନ କରିଥିଲା ପୂର୍ବ ସ୍ମୃତିକୁ କିଛି ସମୟ ପାଇଁ।

- ଯିବାର ଛଅ ମାସ ପରେ ସରୋଜ ପଂଜାବର ତୃତୀୟ ବାଟାଲିୟନର କମାଣ୍ଡର ଭାବେ ନିଯୁକ୍ତି ପାଇଛି। ଘରୁ ଗୋଡ଼ କାଢ଼ି ଗଲାବେଳେ ସରୋଜର ଦୁଇପଦ କଥା ମନେ ଅଛି ଲିସାର। ମା ଓ ମାତୃଭୂମି ସ୍ୱର୍ଗଠାରୁ ବଡ଼। ତାହାରି ସେବା ପାଇଁ ଜୀବନ ଗଲେ ବି ଦୁଃଖ କରିବ ନାହିଁ ଲିସା।

-ବାଲେଶ୍ୱର ଏଫଏମ୍ କଲେଜରେ ଲିସା ଓ ସରୋଜ ଦୁଇଜଣ ସହପାଠୀ। ସରୋଜଙ୍କ ବାପା ଚନ୍ଦ୍ରଭାନୁ ପଟ୍ଟନାୟକ ବାଲେଶ୍ୱର ସଦର ଥାନାର ଭାରପ୍ରାପ୍ତ ସୁଦକ୍ଷ ଅଧିକାରୀ। ସାପକୁ ଦେଖି ମୂଷା ଗାତରେ ପଶିଲା ପରି ଚନ୍ଦ୍ରବାବୁଙ୍କ ନାମ ଶୁଣିଲେ କ୍ରିମିନାଲ ମାନେ ସହରରୁ ଉଭାନ ହୋଇଯାଆନ୍ତି। ଜଣେ ସଂସ୍କାରବାଦୀ ବ୍ୟକ୍ତି ଭାବରେ ସମାଜରେ ତାଙ୍କର ସ୍ୱତନ୍ତ୍ରତା ଅଛି।

- ବଂଧୁ ଅବଦୁଲ୍ ସଲ୍ଲାହୁଦ୍ଦିନଙ୍କ ପତ୍ନୀର ଅକାଳ ବିୟୋଗ ହେବାରୁ ତାଙ୍କଠାରୁ ପୁତ୍ର ସନ୍ତାନଟି ଆଣି ଅତି ଯତ୍ନରେ ପାଳିଥିଲେ ଚନ୍ଦ୍ରଭାନୁ ଓ ତାଙ୍କ ପତ୍ନୀ ସୁଜାତା। ଅତି ଆଦରରେ ପୁତ୍ରଟିର ନାମ ରଖିଥିଲେ ସରୋଜ। ପଦ୍ମ ଫୁଲ ପରି ଗୋରା ମଚ୍ ମଚ୍ ଦେହ। ଦେଖିବାକୁ ଯେପରି ସୁନ୍ଦର ବ୍ୟବହାର ମଧ୍ୟ ସେହିପରି ମାର୍ଜିତ। କେତେବେଳେ ହିନ୍ଦୁ ଓ ମୁସଲମାନର ଭେଦଭାବ ନଥିଲା ପରିବାରର।

ବାଲେଶ୍ୱରର ମଲ୍ଲିକାଶପୁରର ଫକୀରମୋହନଙ୍କ ବଂଶଧର ଲିସା। ଗୋଟିଏ ଚାଉଳର ଗଢ଼ା ସୁନ୍ଦୁରିଆ ଗୋରା ବର୍ଣ୍ଣର ଦେହ। ନାରୀ ସଶକ୍ତି କରଣର ସେ ଜଣେ ଆଗୁଆ ଧାଡ଼ିର ନାରୀ ନେତ୍ରୀ।

ଅମାନିଆ ରାତିର ଜହ୍ନ ଆଲୁଅରେ ଲିସା ମନ ଭିତରେ ଥିବା ଆବେଗିକ କ୍ଷୁଧା ଯେମିତି ସମୟ ସହିତ ସାମାନ୍ୟ ଟିକିଏ କୋସିସ୍ କରିବାକୁ ଚାହୁଁନଥିଲା। ଟେବୁଲ ଉପରେ ଥିବା ଧଳା କାଗଜ ଖଣ୍ଡିଏ ଟାଣି ଆଣି ସରୋଜ ପାଖକୁ ଚିଠି ଖଣ୍ଡିଏ ଲେଖି ବସିଲା ଲିସା।

-ସରୋଜ !

ଚିଠିଟି ତୁମ ପାଖରେ ପହଂଚିବକି ନାହିଁ ମୁଁ ଜାଣେନା, ତଥାପି ମନ ଭିତରେ ଥିବା ଅନେକ ପ୍ରଶ୍ନିଳ ପାଖୁଡ଼ାକୁ ଖୋଲିବାକୁ ବାଧ୍ୟ ହେଉଛି। କଲେଜ ଜୀବନର ଏବେ ବି ସେ ଦିନର କଥା ମୋର ମନେ ଅଛି। ଅନାଥ ଆଶ୍ରମଠାରୁ ଆମେ ଦୁହେଁ ଚାଲି ଚାଲି ଆସୁଥିଲେ। ଆମ ଆଗରେ ଗୋଟିଏ ବୋଲେରୋ ଅଟକି ଯାଇ ଆମକୁ ଗୋଲେଇ ଛକ ପର୍ଯ୍ୟନ୍ତ ଯିବକି ବୋଲି କହିଲା। ତୁମ କଥାରେ ମୁଁ ଆସିଲି କିନ୍ତୁ ତୁମେ କାମ ଅଛି ବୋଲି କହି ସହଦେବଖୁଂଟା ବସଷ୍ଟାଣ୍ଡ ପାଖରେ ଓହ୍ଲାଇ ପଡ଼ିଲେ। ମୁଁ ସେଦିନ ଜଂଗଲି ବାଘଙ୍କ ହାବୁଡ଼ରେ ପଡ଼ିଗଲି। କୌଣସି ମତେ ମୁଁ ସାହସର ସହ ସେଦିନ ରକ୍ଷା ପାଇଗଲି କିନ୍ତୁ ତୁମେ ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍କ୍ୟୁଜ ମି ବୋଲି କହିଲ। ପିଲାଟି ବେଳୁ ମା'ଙ୍କୁ ହରାଇଥିବାରୁ ତୁମକୁ ପାଇ ଗର୍ବ କରୁଥିଲି, ତୁମର ସ୍ନେହ ମମତାରେ ଏହି ସ୍ନେହ କାଙ୍ଗାଳୁଣୀ ଲିସା ବାନ୍ଧି ହୋଇଯାଇଥିଲା। ତୁମେ ଜାତିରେ ମୁସଲମାନ ଜାଣିଲେ ମଧ୍ୟ ମୋ ମନରେ କେବେ ବିକାର ଆସିନାହିଁ। କ୍ଷୀରଚୋରା ମନ୍ଦିର ଆଗରେ ଆମେ ଶପଥ କରିଥିଲେ ଆମର ସଂପର୍କ ଅତୁଟ ରହିବ। ଆମେ ଏପରି ଏକ ସମାଜ ଗଢ଼ିବା ଯେଉଁଠି ଜୀବନ ମରଣର ପାର୍ଥକ୍ୟ ରହିବ ନାହିଁ, ଜାତି ଅଜାତିର ସଂପର୍କକୁ ତୁଟାଇ ଦେବା । ଈଶ୍ୱର ଏକ, ସେ ନିରାକାର, ଆଲ୍ଲା, କୃଷ୍ଣ, ରାମ ଅଥବା ଗୁରୁ ନାନକ ବା ଯୀଶୁଖ୍ରୀଷ୍ଟ। ଆଜି ମୋ ରକ୍ତରେ ଜାତୀୟତାର ବହ୍ନି ଜଳି ଉଠୁଛି। ମୁଁ ଝାନ୍ସୀ ରାଣୀ ଲକ୍ଷ୍ମୀବାଈ, ରମାଦେବୀ ନହେଲେ ବି ମୋର ଉଷୁମ ରକ୍ତ ସବୁବେଳେ କହେ ମୁଁ ଭାରତ ମାତାର ସନ୍ତାନ ତାର ସମ୍ମାନ ରକ୍ଷା କରିବା ମୋର ଦାୟିତ୍ୱ। ତୁମେ ସେଣ୍ଟ୍ରାଲ କମାଣ୍ଡର ଶୁଣିବା ପରେ ମୁଁ ବହୁତ ଖୁସି ଥିଲି। କାରଣ ପିଲାଟି ବେଳେ ମୋ ବାପା ସବୁବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ବହି ପଢ଼ିବାର ସୁଯୋଗ ଦିଅନ୍ତି, ବିପ୍ଳବୀ ଅରବିନ୍ଦ, ସୁବାସ ବୋଷ ଓ ଖୁଦିରାମ ବୋଷଙ୍କ କାହାଣୀ ଏବେ ବି ମୋ ମନରୁ ଭୁଲି ନାହିଁ।

ପରାଧୀନତାର ଅକ୍ଟୋପାସରୁ ଜନ୍ମ ଭୂମିକୁ ମୁକ୍ତ କରିବା ପାଇଁ ତୁମେ ସ୍ୱାଧୀନତାର ଲୋହିତ ଇତିହାସ ପୃଷ୍ଠା ମୋ ଆଗରେ ଖୋଲୁଥିଲ, ଆଜି କିନ୍ତୁ ଦୁଃଖ ଲାଗୁଛି ତୁମ ଦେଶଦ୍ରୋହୀ କାର୍ଯ୍ୟକଳାପ କଥା ଶୁଣି, ଭାରତମାତା ଆଖିରୁ ଠପ୍ ଠପ୍ କରି ଲୁହ ଗଡ଼ି ପଡୁଛି। ତୁମେ ପରା କହୁଥିଲ ସିନ୍ଧୁ ଓ ସତଲେଜ ନଦୀର ଜଳକୁ ତର୍ପଣ କରି ପଂଜାବ ମାଟିର ସୈନିକ ବିଜୟର ପଗଡ଼ି ବାନ୍ଧେ। ଆଜି ସେହି ବୀର ମାଟିର ସେନା ଭାର ଗ୍ରହଣ କରି କିପରି ଦେଶଦ୍ରୋହୀ ହେଲ ମୁଁ ବୁଝିପାରୁନାହିଁ।

ଦେଶଦ୍ରୋହୀ ସନ୍ତ୍ରାସବାଦୀଙ୍କୁ ଏହି ମାଟିରେ କବର ଦେବାପାଇଁ ଦାଉଦ ଇବ୍ରାହିମ ଦାସକରଙ୍କୁ ଘୃଣା କରୁଥିଲ। ସେହି ଟାଇଗର ମେମନ ସହିତ ମିଶି ୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବାଇ ବିସ୍ଫୋରଣ ଘଟାଇଥିଲା। ଦୁଇ ନମ୍ବର ଆତଙ୍କବାଦୀ ହାଫିଜ୍ ମହମ୍ମଦ ସହୀଦ ଆତଙ୍କବାଦୀ ସଂଗଠନ ଲସ୍କରର ତୋଇବା ଜମାତ୍-ଉଦ୍-ଦାଓାର ପ୍ରତିଷ୍ଠାତା। ଏହିମାନଙ୍କ ନାମ ଶୁଣିଲେ ତୁମ ପାଟିରୁ କଟୁ ବଚନ ବାହାରିଆସେ। ଆଜି ଦେଶଦ୍ରୋହୀ ଅପରାଧରେ ଜଡ଼ିତ ହୋଇ ଯଦି ସେହି ଭାରତ ବିରୋଧୀ ସନ୍ତ୍ରାସବାଦୀଙ୍କ ଦଳରେ ଯୋଗଦାନ କରିଥାଅ ତାହେଲେ ଆଗାମୀ ଦିନରେ ତୁମ ଔରସରୁ ଜନ୍ମ ନେଉଥିବା ସନ୍ତାନ ଏହାର କଡ଼ାଗଣ୍ଡା ପ୍ରତିଶୋଧ ନେବ। ମୁଁ ଓଡ଼ିଶା ମାଟିର ଝିଅ। ପଂଜାବ ମାଟିର ମା' ପରି ଯଦି ଭଗତ୍ ସିଂ ପରି ପୁଅର ମା' ହୋଇ ନପାରିଲି ତାହା ହେଲେ ନାରୀ ଜୀବନର ସାର୍ଥକତା ଆସିଲା କେଉଁଠୁ ? ଦିନେ ବାରିରେ ଫୁଟିଥିବା ରକ୍ତ ଗୋଲାପ କଳିକା ତୁମକୁ ଚାହିଁ ହସୁଥିଲା। ତୁମ କଥା ଜାଣିଲା ପରେ ସେ ଫୁଲ ସବୁକୁ ଯେପରି କେହି ଦଳି ମକଚି ଦୂରକୁ ଫିଙ୍ଗି ଦେଲାପରି ମନେ ହେଉଛି।

ମୁଁ ଦିନେ ରକ୍ତ ଗୋଲାପ ଭିତରେ ପ୍ରଣୟର ପରିପୂର୍ଣ୍ଣତା ସ୍ୱପ୍ନରେ ସ୍ୱପ୍ନରେ ବିଭୋର ହୋଇ ଉଠିଥିଲି। ଆଜି ବୁଝୁଛି ତୁମେ ସେହି ଫୁଲ ଭିତରେ ଅନୁଭବ କରୁଛ ତାଜାରକ୍ତର ଉଷ୍ମତା। ଏହି ନରମେଧ ଯଜ୍ଞର ପୂର୍ଣ୍ଣାହୁତି ଦିନେ ନା ଦିନେ ହେବ। ମାଟି ମା'ର ମମତାର ମୂଲ ତୁମେ ବୁଝିବ। ତୁମେ ଆଜି ମନ୍ଦିର, ଗୀର୍ଜା ଓ ମସଜିଦଙ୍କୁ କଳିଙ୍କିତ କରୁଛ। ଧର୍ମକୁ ଆଧାର କରି ଭାରତ ମା' ବକ୍ଷରେ ଛୁରୀ ଆଘାତ କରୁଛ। ଅଶାନ୍ତର ଜତୁଗୃହ ମଧ୍ୟରେ ତୁମେ ଆଉଟ ପାଉଟ ହେଉଛ। ଏହାର ଶେଷ ପରିଣତି ତୁମକୁ ଭୋଗ କରିବାକୁ ପଡ଼ିବ। ମରିଚିକା ସତ ହୋଇପାରେ କିନ୍ତୁ ତୁମର ଇଚ୍ଛା ସବୁଦିନେ ଅପୂରଣୀୟ ହୋଇ ରହିଯିବ। ତୁମେ ପଂଜାବର ଅନେକ ସ୍ଥାନରେ ସହୀଦ ଭଗତ ସିଂ ମୂର୍ତ୍ତିକୁ ସାମନା କରିଥିବ। ତୁମେ କ'ଣ ଜାଣିନାହଁ ତୁମ ମାନଙ୍କ ପରି ପଥଭ୍ରଷ୍ଟଙ୍କ ପାଇଁ ତାଙ୍କ ମନରେ କେତେ ଯନ୍ତ୍ରଣା। ସେମାନେ ଜନସାଧାରଣଙ୍କ ଜୀବନ ରକ୍ଷା ପାଇଁ ଜୀବନକୁ ପଣ ରଖି ଲଢ଼େଇ କରୁଥିଲେ। ଆଜି ତୁମେ ସେହି ହତଭାଗା ମାନଙ୍କୁ ହତ୍ୟା କରିବାପାଇଁ ଦେଶଦ୍ରୋହୀ କୁଳାଙ୍ଗାର ଭାରତ ସନ୍ତାନ। ଶସ୍ୟ ଶ୍ୟାମଳା ଭାରତ ମାଟିର ସ୍ୱାଧୀନତା ପାଇଁ ସେମାନେ ପ୍ରାଣବଳି ଦେଇଥିଲ। ତୁମେ ଆଜି ସେହି ପବିତ୍ର ମାଟିକୁ ଖଣ୍ଡ ବିଖଣ୍ଡିତ କରିବା ପାଇଁ ସନ୍ତ୍ରାସବାଦୀଙ୍କ ଖୋସାମତିଆ ସାଜିଛ। ଏତେ କୃତଘ୍ନ ! ଏହି ଘରର ଚାରି କାନ୍ଥ ଭିତରେ ମୋ ରକ୍ତ ମାଂସ ଦେହ ପଡ଼ି ରହିଛି। ଘୃଣା, ଅବସାଦ ଓ ଗ୍ଲାନିରେ ମୋର ମନ ଜଳି ପୋଡ଼ି ପାଉଁଶ ହୋଇଯାଉଛି। ତୁମ ନରହତ୍ୟା ନାଟକର ଶେଷ ଦୃଶ୍ୟ ମୋତେ ଦେଖିବାକୁ ପଡ଼ିବ। ମୋତେ ବଂଚି ରହିବାକୁ ପଡ଼ିବ ଶେଷ ସମୟ ପର୍ଯ୍ୟନ୍ତ।

ଜନ୍ମମାଟିର ଇଜ୍ଜତ ରଖିବାକୁ ଯାଇ ସିଏ ସହୀଦ୍ ହେଲା ସେ ବାଘା ଯତିନର ବଂଶଧର। ମୁଁ ବାଘାର ମା' ନ ହେଲେ ବି ସେହିପରି ଜନୈକ ବିପ୍ଳବିନୀ ନାରୀ। ମୋ ମା' ସେହି ପବିତ୍ର ବାଲେଶ୍ୱର ମାଟିର ସନ୍ତାନ। ଆଉ ମୁଁ ହେଉଛି ସେହି ବିପ୍ଳବୀ ମାଟିର ବଂଶଧର। ମୋର ପରିବାରର ବ୍ୟାସକବି ଫକୀରମୋହନ ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ। ଆଉ ମୁଁ ହେଉଛି ସେହି ବିପ୍ଳବୀ ମାଟିର ବଂଶଧର। ମୋର ପରିବାରର ବ୍ୟାସକବି ଫକୀରମୋହନ ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ। ବହୁ ସଂଗ୍ରାମୀଙ୍କ ମୂକସାକ୍ଷୀ ବାଲେଶ୍ୱର ଜେଲ ଠିଆ ହୋଇଛି ଆମ ଘର ସାମ୍ନାରେ। ସେଇଠାରେ ବାଘାର ସହଯୋଗୀ ବିପ୍ଳବୀ ମନୋରଂଜନ ସେନଗୁପ୍ତଙ୍କୁ ସେଠାରେ ଫାଶୀ ଦିଆଯାଇଥିଲା। ମୋର ଶେଷ ଅନୁରୋଧ ନିଦରେ ଶୋଇଥିବା ତୁମ କୁନି ପୁଅର ଗୁଲୁରୁ ଗୁଲୁରୁ କଥାକୁ କାନ ଦେଇ ଶୁଣ। ଯଦି ଦେଶଦ୍ରୋହୀ ଅପରାଧରେ ଦଣ୍ଡିତ ହୋଇଥାଅ ତାହାହେଲେ ସେଥିପାଇଁ ଅନୁତାପ କରି ଭାରତ ମା'ର ଚରଣ ତଳେ କ୍ଷମା ମାଗ। ମନ୍ଦିର ଅଥବା ଆଲ୍ଲାଙ୍କ ପାଖରେ ଅନୁତାପ କର। ମୁଁ ତୁମକୁ କୋଳେଇ ନେବି। ପୁରୁଣା ଧୂଳି ଝାଡ଼ି ଦେବି। ତୁମ ମୁହଁରୁ ବୋହୁଥିବା ଅବସାଦିତ ଝାଳ ବିନ୍ଦୁକୁ ମୁଁ ପୋଛି ଦେବି। ମୋ କୋଳକୁ ଆଉଜି ଆଣିଲା ପରେ ଆମେ ପୁଣି ଥରେ ଚାହିଁବା ସେହି ତ୍ରିରଙ୍ଗାକୁ ଯେଉଁଠି ସତ୍ୟ ଓ ନ୍ୟାୟର ସାମ୍ୟ ମୈତ୍ରୀ ପ୍ରଚାର କରୁଥିବା "ମେରା ଭାରତ ମହାନ୍।"

ଏଗୁଡ଼ିକ ସ୍ୱପ୍ନ ନା ମାୟା ନା ଏକ ଦେଶପ୍ରେମ ନାଟକର ଦୃଶ୍ୟାନ୍ତର। କିଛି ସମୟ ପାଇଁ ତାର ପାଦ ଦୁଇଟି ସତେ ଯେମିତି ଅଟକିଗଲା ପରି ବୋଧ ହେଉଥିଲା। ଠିକ୍ ସେତିକିବେଳେ ଆଖି ଆଗରେ ଟଂଗା ହୋଇଥିବା ଶହୀଦ ଭଗତ ସିଂ ଫଟୋ ଉପରେ ଆଖି ଦୁଇଟି ଅଟକି ଯାଇଥିଲା ଲିସାର। ହଠାତ୍ ଦୁଇଟି ଦୁର୍ବଳ ହାତ ଲମ୍ବି ଆସିଥିଲା ଆଲିଙ୍ଗନ କରିବାକୁ। ସତେ ଯେପରି ଦୀର୍ଘ ଦିନ ପରେ ଏକ କକ୍ଷଚ୍ୟୁତ ଉଲକା ପିଣ୍ଡ ନିଜ ପଥକୁ ନ ଫେରି ଆସିଛି।

ରୂପେଲି ଜହ୍ନର ଶ୍ୱେତ ମର୍ମର ରାତି ଅପେକ୍ଷା କରୁଥିଲା ଅନ୍ତିମ ପ୍ରହରକୁ। ଯେଉଁଠି ଅଶାନ୍ତ ମହୋଦଧିର ଅଧୀର ଆଲିଙ୍ଗନ ଭିତରେ ସ୍ୱପ୍ନ ମଗ୍ନ ଥିଲା ସ୍ରୋତସ୍ୱିନୀ ଚନ୍ଦ୍ରଭାଗା, ବିମୁକ୍ତ ବେଳାର ତୃଷିତ ବୁକୁରେ ଲୋଟି ପଡୁଥିଲେ ଅସଂଖ୍ୟ ତରଙ୍ଗ ମାଳା। ନିଃସଙ୍ଗ ଚକ୍ରବାକୀ ଅପେକ୍ଷା କରିଥିଲା ଶୁଭ୍ର ସକାଳର ସୁନେଲି କିରଣକୁ.....।

+ସଂପାଦକ ନାରାୟଣ ସ୍ମୃତି ସାହିତ୍ୟ ସଂସଦ
କୋହ୍ଲ, ତିହିଡ଼ି, ଭଦ୍ରକ
ମୋ: ୯୪୩୭୫୭୪୪୬୬

# ଈଶ୍ୱରଗୀତା ଉନ୍ମୋଚିତ

କୋରେଇ,୧୪।୩ (ନି.ପ୍ର): ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଂଟିଆଙ୍କ ଦ୍ୱାରା ସମ୍ପାଦିତ କୂର୍ମପୁରାଣରୁ ଆନୀତ ଈଶ୍ୱରଗୀତା ଉନ୍ମୋଚିତ ହୋଇଛି । ଏ ଗୀତା କହିଛନ୍ତି ସ୍ୱୟଂ ଶଙ୍କର ଭଗବାନ ଓ ଶୁଣିଛନ୍ତି ଭଗବାନ ଶ୍ରୀବିଷ୍ଣୁ ଓ ଋଷିଗଣ । ଯାଜପୁର ଜିଲ୍ଲାର ମୂଳାପାଳ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍ଘାଟନ ଅବସରରେ କମିଟି ଦ୍ୱାରା ପ୍ରକାଶିତ ଏହି ଭବ୍ୟ ଗ୍ରନ୍ଥକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସଭାପତି ଦୈତାରୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଯାଜପୁର ଏଡିଏମ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ପାଣିକୋଇଲି ଥାନାଧିକାରୀ ଚକ୍ରପତି କହଁର, କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ମୋହନ ଚରଣ ଖୁଂଟିଆ, ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡଃ ରୁଦ୍ର ନାରାୟଣ ପୃଷ୍ଟି. ସମ୍ପାଦକ ନିତ୍ୟାନନ୍ଦ ପରିଡା, କୋଷାଧ୍ୟକ୍ଷ ରମେଶ ସାହୁ, ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପଣ୍ଡିତ ଶ୍ରୀ ଖୁଂଟିଆ ଉପସ୍ଥିତ ରହି ଈଶ୍ୱରଗୀତା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ ।

# ରାଉରକେଲାରେ କୋଟି କୋଟି ଟଙ୍କାର ସରକାରୀ ଜମି ପଟ୍ଟା କେଲେଙ୍କାରୀ ମାମଲା

## ପୂର୍ବତନ ତହସିଲଦାର ମୁହଁ ଖୋଲିଲେ ଅନେକ ବାବୁ ତଦନ୍ତ ପରିସରକୁ ଆସିବେ

ରାଉରକେଲା,୧୪।୩(ନି.ପ୍ର): ରାଉରକେଲା ସହରରେ କୋଟି କୋଟି ଟଙ୍କାର ସରକାରୀ ଜମି ଗୁଡିକୁ ଅନ୍ୟ ମାନଙ୍କ ନାମରେ ପଟ୍ଟା କରିଦେବା ମାମଲାକୁ ଇତି ମଧ୍ୟରେ ମାସ ପରେ ମାସ ବିତି ଯାଉଥିଲେ ବି ଖୋଦ୍ ଅଭିଯୁକ୍ତ କୁହାଯାଉଥିବା ସେ ସମୟର ତହସିଲଦାର ମାନସ ରଞ୍ଜନ ସାହୁ ଯେପର୍ଯ୍ୟନ୍ତ ମୁହଁ ନଖୋଲିଛନ୍ତି ବାସ୍ତବ ସତ୍ୟ କଣ ତାହା ପଦାକୁ ଆସିବ ନାହିଁ, ଯେଉଁଦିନ ସେ ଏନେଇ ମୁହଁ ଖୋଲିବେ ସେଦିନ ଜିଲ୍ଲାର କେତେକ ହାତଗଣତି ଅଫିସର ଓ ତହସିଲ ଅଫିସ ର କେତେକ କର୍ମଚାରୀ ମଧ୍ୟ ଏହି ମାମଲାରେ ତଦନ୍ତ ପରିସରଭୁକ୍ତ ହେବା ସୁନିଶ୍ଚିତ ବୋଲି ରେଭିନ୍ୟୁ ଆଇନକୁ ଭଲଭାବେ ଜାଣିଥିବା ଅନେକ ଅବସର ପ୍ରାପ୍ତ ଅଫିସର ଓ କର୍ମଚାରୀ ମତଦେଇଛନ୍ତି । ତେବେ ଖୁବ ଶିଘ୍ର ଏହି ମାମଲାର ରହସ୍ୟ ପଦାକୁ ଆଣିବେ ଓ କେଉଁ ମାନଙ୍କ ପ୍ରରୋଚନାରେ ସେ ଏସବୁ କାମ କଲେ ତାହା ମଧ୍ୟ ପଦାକୁ ଆଣିବେ ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଏହା ପରେ ଅନେକ ବାବୁଙ୍କର ନିଦ ଉଡିଜିବା ସହ କେମିତି ନିଜର ଭାବମୂର୍ତ୍ତି ରକ୍ଷା କରିବେ ସେନେଇ ରାତି ଦିନ ଲାଗି ପଡିଥିବାର ଖବର ମିଳିଛି । ଯଦି, ହାମ୍‌ତୋ ଡୁବେଙ୍ଗେ ସନମ ତୁମ୍‌କୋ ସାଥ ଲେକେ ଡୁବେଙ୍ଗେ ନୀତିକୁ ଯଦି ଶ୍ରୀ ସାହୁ ଆପଣେଇଲେ ତେବେ ସବୁ ଭଣ୍ଡା ଫୋଡ ହୋଇଜିବ ବୋଲି ଆଲୋଚନା ଚାଲିଛି । ରାଉରକେଲା ସହର ରାଜ୍ୟର ସମସ୍ତ ସହର ଠାରୁ ରେଭିନ୍ୟୁ ଆଇନ ଅନୁସାରେ ଅଲଗା, ଏଠାରେ ସମସ୍ତ ସରକାରୀ ଜମି ଗୁଡିକର ମାଲିକ ହେଉଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଉରକେଲା (ରାଜସ୍ୱ ଆଇନ ଅନୁଶାରେ) ପରେ ଉପଜିଲ୍ଲାପାଳ ପାନପୋଷ ଓ ଜିଲ୍ଲାପାଳ ସୁନ୍ଦରଗଡ । ଶବ ବ୍ୟବଚ୍ଛେଦ ଗୃହ ପାଖରେ ଥିବା ୨ ଏକରରୁ ଅଧିକ ସରକାରୀ ଜମି, ଏସପି ଅଫିସ ପାଖରେ ଥିବା ଗାଙ୍ଗପୁର ହାଉସକୁ ୯୫ ଡିସମିଲ ଜମି ପଟ୍ଟା ଦିଆଜିବା ମାମଲା ସମେତ ମୁଖ୍ୟ ବଜାର ଓ ପୁରୁଣା ପୋଷ୍ଟ ଅଫିସ ଅଂଚଳ ତଥା କେତେକ ହୋଟେଲକୁ ପୂର୍ବତନ ତହସିଲଦାର ଶ୍ରୀ ସାହୁ ପଟ୍ଟା ଦେଇଥିବା ବିଷୟ ଆଲୋଚନା ଭିତରେ ରହିଛି । ଏହା ଭିତରେ ଏସବୁକୁ ନେଇ ଆରଡିସି ସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି ବୋଲି କୁହାଯାଉଥିଲେ ବି କେଉଁ ସବୁ ଜମିକୁ ନେଇ ତଦନ୍ତ ଚାଲିଛି ତାହା ସ୍ପଷ୍ଟ ହୋଇନାହିଁ । ତେବେ ସବୁଠୁ ବଡ କଥା ହେଲା, ଜଣେ ତହସିଲଦାରଙ୍କର ରାଉରକେଲା ମହାନଗର ଅଂଚଳରେ ଏଭଳି ସରକାରୀ ଜମି ଗୁଡିକୁ କାହା ନାମରେ ପଟ୍ଟା ଦେବାର କ୍ଷମତା ଆଦୌ ନାହିଁ । ଯଦି ସେଭଳି କିଛି ପରିସ୍ଥିତି ଆସେ ତେବେ ସେ ରାଉରକେଲା ଏଡିଏମ, ଉପଜିଲ୍ଲାପାଳ ଓ ସୁନ୍ଦରଗଡ ଜିଲ୍ଲାପାଳଙ୍କ ପରାମର୍ଶ ସମେତ ଅନୁମତି ପରେ ହିଁ ଏସବୁ କାମ କରିପାରିବେ ବୋଲି କୁହାଯାଉଛି । ତେବେ ମାନସ ବାବୁଙ୍କ ଭଳି ଜଣେ ମେଧାବୀ ଛାତ୍ର ଯିଏ କି ତାଙ୍କ ପାଠ ପଢା ସମୟରେ କେବଳ ଟପ୍ପର ଭେବେ ପରିଚିତ । ଚାକରୀ ଜୀବନ ଆରମ୍ଭ କରିଥିଲେ ଏସବିଆଇରୁ, ପରେ ଓଏଏସ, ତାପରେ ୟୁପିଏସସି ପାଇଥିଲେ । ସେଭଳି ଜଣେ ଜାଣିବା ଶୁଣିବା ଅଧିକାରୀ କେବେ ହେଲେ ଏଭଳି ଭୁଲ୍ କାମ କରି କାହାକୁ କିଛି ନପଚାରି ସିଧା ସଳଖ ଏହି ସବୁ ଜମିଗୁଡିକୁ ପଟ୍ଟା କରିଦେବା, ତାହା ଜାଣିବା ଶୁଣିବା ମହଲରେ ଗ୍ରହଣୀୟ ହୋଇ ନାହିଁ । କୁହାଯାଉଛି ଏସବୁ ଜମି କାରବାର ପୂର୍ବରୁ ସେ ଜିଲ୍ଲାର ୩ ଅଧିକାରୀଙ୍କ ଅନୁମତି ନେବା ପରେ ରଘୁନାଥପାଲ୍ଲୀ ଆରଆଇ, ପାନପୋଷ ଆରଆଇ, ରେକର୍ଡ ରୁମ୍ ଇନଚାର୍ଜ, ଡିଲିଂଗ ଆସିଷ୍ଟାଂଟ,ରେକର୍ଡ କିପର, ଡାଟା ଏଂଟ୍ରି ଅପରେଟର, ଅମିନ ପ୍ରଭୃତଙ୍କ ସହ ମିଶି ଏସବୁ କାମ କରିବା କଥା । ତେବେ ସରକାରୀ ଜମିର ସୁରକ୍ଷା କବଚ ମାନଙ୍କୁ ଛାଡି ଏତେ ବଡ ଘୋଟାଲା କିଭଳି କରିଦେଲେ ସେ ନେଇ ଏବେ ଜାଣିବା ଶୁଣିବା ମହଲରେ ଚାଲିଛି ଚର୍ଚ୍ଚା । ପ୍ରତି ସରକାରୀ ଜମିର ଭଲ ମନ୍ଦ ଲାଗି ଏମାନେ ହିଁ ଦାୟୀ ରହିବା କଥା । ଯଦି ଏହାକୁ ନେଇ ଆରଡିସି ତଦନ୍ତ ଚାଲିଛି ତେବେ ଶ୍ରୀ ସାହୁ ମୁହଁ ଖୋଲିବା ପରେ ଏମାନଙ୍କ ଭିତରୁ ଅନେକ ଏହି ମାମଲାରେ ତଦନ୍ତ ପରିସରଭୁକ୍ତ ହେବା ସହ ବହୁ ଗୁଢ଼ ରହସ୍ୟ ପଦାରେ ପଡିବ ବୋଲି ଆଲୋଚନା ଚାଲିଛି । ତା ଛଡା ଏତେ ବଡ ସରକାରୀ ଜମି ହରିଲୁଟ୍ ମାମଲାରେ ଯେଉଁଭଳି ତତ୍ପରତା ସରକାରୀ ସ୍ତରରେ ପ୍ରକାଶ ପାଇବା କଥା ତାହା ମଧ୍ୟ ଦେଖା ଯାଉନାହିଁ । ପରଦା ଉହାଡରେ କେଉଁ ବାବୁ ମାନେ ରହିଛନ୍ତି ତାହା ଏବେ ଆଲୋଚନାର ବିଷୟ ବସ୍ତୁ ହୋଇଛି । ତେଣୁ ଏଥିରେ ବହୁ ବଡ ବଡ ମାଛ ମାନଙ୍କ ଖେଳ ଲୁଚିରହିଛି ବୋଲି ଆଲୋଚନା ଚାଲିଛି । ନିକଟରେ ଆଲୋଚନା ହେଲା ଶ୍ରୀ ସାହୁ ୟୁପିଏସସି ପାଇଁ ଯାଇଥିବା ତାଲିମରୁ ଫେରି ଆସିଛନ୍ତି । ତାପରେ ଆଲୋଚନା ହେଲା ତାଙ୍କର ଇସ୍ତଫା ପତ୍ର ସରକାର ଗ୍ରହଣ କଲେ ନାହିଁ ଓ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ ହୋଇଛି । କିନ୍ତୁ ଏନେଇ କୌଣସି ଠୋସ ପ୍ରମାଣ ମିଳିନାହିଁ ଓ ପୂର୍ବତନ ହସିଲଦାର ସାହୁ ବାବୁ ଏଯାଏଁ ମଧ୍ୟ ମୁହଁ ଖୋଲି ନାହାନ୍ତି । ତାଙ୍କର ପୁରୁଣା ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ ।

# ଅସୁରକ୍ଷିତ ଅବସ୍ଥାରେ ପୁରୁଣା ଥାନା କ୍ୱାର୍ଟର

ଭୁବନ,୧୪।୩(ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ନୂଆବଜାର(ବସଷ୍ଟାଣ୍ଡ) ସଂଲଗ୍ନ ପୁରୁଣା ଥାନା ପରିସରରେ ଥିବା ୫ ଟି କ୍ୱାଟର ସଂପୂର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ଥିବା ବେଳେ ଜୀବନକୁ ପାଣି ଛଡାଇ ସର୍ବଦା ବିପଦକୁ ମୁଣ୍ଡାଇ କେତେଜଣ କର୍ମଚାରୀ ସେଠାରେ ରହୁଛନ୍ତି । ପ୍ରାପ୍ତ ଖବରରୁ ପ୍ରକାଶ ଯେ,ଦୀର୍ଘ ୬୦ ବର୍ଷ ପୂର୍ବେ ସର୍ବବୃହତ ଗ୍ରାମ ଭୁବନରେ ଆଇନ ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଥାନା ପ୍ରତିଷ୍ଠା କରାଯାଇଥିଲା । କର୍ମଚାରୀ ମାନେ ରହିବା ପାଇଁ ୫/୬ ଟି କ୍ୱାଟର ମଧ୍ୟ ନିର୍ମାଣ ହୋଇଥିଲା । ପୁରୁଣା ଥାନା ଛାତରୁ କଂକ୍ରିଟ ଛାଡିବା ପରେ ମରାମତି କରାଯିବା ସହ ନୂତନ ଭାବେ ଆଉ ଏକ ଥାନା ତିଆରି ହୋଇଥିଲା । କିଛି ବର୍ଷ ପରେ ଭୁବନ ସହର ଉପକଣ୍ଠସ୍ଥ ବାଟତାରିଣୀ ଛକରେ ତ୍ରିତଳ ପ୍ରାସାଦ ମଡେଲ ଥାନା ନିର୍ମାଣ କରାଯାଇ ତଳ ମହଲାରେ ଥାନା କାର୍ଯ୍ୟ ଚାଲୁଥିବା ଉପର ଦୁଇ ମହଲାରେ କର୍ମଚାରୀମାନଙ୍କ ରହିବା ପାଇଁ କ୍ୱାଟର ତିଆରି ହୋଇଛି । ନୂଆ ଥାନାରେ ଆଇଆଇସି ଙ୍କ ସମେତ ଅନ୍ୟ କର୍ମଚାରୀମାନେ ରହୁଥିବା ବେଳେ ତଥାପି ପୁରୁଣା ଥାନା କ୍ୱାଟରରେ କେତେଜଣ କର୍ମଚାରୀ ରହୁଛନ୍ତି । ପୁରୁଣା ଥାନା ପରିସରରେ ଥିବା ଗ୍ୟାରେଜକୁ ମରାମତି କରାଯାଇ ସେଠାରେ ଆହାର କେନ୍ଦ୍ର ଖୋଲାଯାଇଥିଲା । ଯାହାକି କରୋନା ପାଇଁ ଏବେ ବନ୍ଦ ରହିଛି । ଭୁବନ ଥାନାଟି ବାଟତାରିଣୀ ଛକକୁ ସ୍ଥାନାନ୍ତର ହେବା ପରେ ଜରାଜୀର୍ଣ୍ଣ କ୍ୱାଟରକୁ ଭାଙ୍ଗି ନୂଆବଜାର ଓ ବସଷ୍ଟାଣ୍ଡ ସଂପ୍ରସାରଣ ପାଇଁ ଭୁବନବାସୀଙ୍କ ତରଫରୁ ବାରମ୍ବାର ଦାବି କରାଯାଉଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁ ଏ ସଂପର୍କରେ ଅଦ୍ୟାବଧି କୌଣସି ଅଗ୍ରଗତି ହୋଇନାହିଁ । ପୁରୁଣା ଥାନା କ୍ୱାଟରରେ କୌଣସି ଅଘଟଣ ଘଟିବା ପୂର୍ବରୁ ସରକାର ତୁରନ୍ତ ଏହି ଅସୁରକ୍ଷିତ କ୍ୱାଟରକୁ ଭାଙ୍ଗି ବସଷ୍ଟାଣ୍ଡ ସଂପ୍ରସାରଣ କରିବାକୁ ବୁଦ୍ଧିଜୀବୀ ମହଲ ମତ ଦେଉଛନ୍ତି ।

# ଚୋରା ମଦ ଜବତ : ୧ କୋର୍ଟ ଚାଲାଣ

କେନ୍ଦ୍ରାପଡା ,୧୪।୩ (ନି.ପ୍ର): କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୦ ଲିଟର ଦେଶୀ ମଦ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । କେନ୍ଦ୍ରାପଡା ଜିଲ୍ଲା ଜମ୍ବୁ ମେରାଇନ ଥାନା ଅଧିନ ବାଘୁଆମାଟି ଗ୍ରାମର ଭୋଳାନାଥ ଦାସଙ୍କ ଠାରୁ ଏହି ପରିମାଣର ମଦ ଜବତ ହେବା ସହ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନିସପେକ୍ଟର ସରୋଜ ବାଘା ସୂଚନା ଦେଇଛନ୍ତି ।

# ଜୁନିୟର ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର,୧୪।୩ (ନି.ପ୍ର): ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ଶାଖା ତଥା କୋରାପୁଟ ଜିଲା ଜୁନିୟର ରେଡକ୍ରସ ସୋସାଇଟିର ମିଳିତ ଆନୁକୁଲ୍ୟରେ ସରକାରି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ୫ ଦିନିଆ ପରାମର୍ଶ ଦାତା ମାନଙ୍କ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ଉକ୍ତ କାର୍ଯ୍ୟକ୍ରରେ ଜିଲା ଶାରିରିକ ଶିକ୍ଷା ପ୍ରଦିଦର୍ଶକ ତଥା ଜୁନିୟର ରେଡକ୍ରସ ଜିଲା ସମ୍ପାଦକ ବିକ୍ରମ ଚରଣ ପଣ୍ଡା ସଭାପିତତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜୟପୁର ଆକାଶ ବାଣି କେନ୍ଦ୍ରର କେନ୍ଦ୍ର ନିର୍ଦ୍ଦେଶକ ଗୌର ଚରଣ ତ୍ରିପାଠି ଯୋଗ ଦାନ କରି ପ୍ରଶିକ୍ଷାର୍ଥି ମାନଙ୍କୁ ରେଡକ୍ରସର ଲକ୍ଷ୍ୟ ଉଦ୍ଦେଷ୍ୟ ସହିତ ଦୈନନ୍ଦିନ ଜୀବନରେ ନିଜ ପରିବାର ସହିତ ସମାଜରେ କିପରି ବ୍ୟବହାର ପ୍ରଦର୍ଶନ କରିବା ଉଚିତ ସେ ବିଷୟରେ ମାର୍ଗ ଦର୍ଶନ କରାଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲା ଜୁନିୟର ରେଡକ୍ରସ ଅଧିକାରି ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପରାମର୍ଶ ଦାତା ମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ କାନ୍ଥ ପ୍ରାଚିର ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ଏଥି ସହିତ ପରାମର୍ଶ ଦାତ୍ରି ବିଜୟ ଲକ୍ଷ୍ମୀ ସ୍ୱାଇଁ ଏବଂ ପରାମର୍ଶ ଦାତା ପ୍ରଦିପ କୁମାର ପଣ୍ଡାଙ୍କୁ ଶ୍ରେଷ୍ଠ ପରାମର୍ଶ ଦାତା ପୁରସ୍କୃତ କରାଯାଇଥିଲା । ଏହା ସହିତ ରଞ୍ଜିତ କୁମାର ସେଠି, ସୁକାନ୍ତ ଦେହୁରି, ବିଷ୍ଣୁ ପ୍ରିୟା ନାୟକ ଓ ଭାନୁ ମତି ଖୋରାଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛା ସେବି ଭାବେ ପୁରଷ୍କୃତ କରାଯାଇଥିଲା । ସମସ୍ତ ପ୍ରଶିକ୍ଷାର୍ଥି ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ପତଞ୍ଜଳୀ ଯୋଗ ସମିତିର ଯୋଗ ଶିକ୍ଷୟତ୍ରି ଜନକି ପାଣିଗ୍ରାହୀଙ୍କୁ ଅନୁଷ୍ଠାନ କରଫରୁ କୃତଜ୍ଞତା ଜଣାଯାଇଥିଲା । ଗଣ ମାଧ୍ୟମରେ ପ୍ରତିନିଥି, ରକ୍ତ ଭଣ୍ଡାର କର୍ମଚାରି ଓ ଅଗ୍ନିସମ ବିଭାଗ ଓ ବେସାରିକ ପ୍ରତିରକ୍ଷା ବାହିନିର କର୍ମକ । କଣ ତଥା ଜିଲା ସାଧନ କର୍ମି ରାଧାଶ୍ୟାମ ସାହୁ , ଶୁଭସ୍ମିତା ସାହୁ, ଜ୍ୟୋତି ରଞ୍ଜନ ନନ୍ଦଙ୍କୁ କାଯ୍ୟକ୍ରମରର ସଫଳତା ପାଇଁ ଜିଲା ଜୁନିୟର ରେଡକ୍ରସ ସୋସାଇଟି ତରଫରୁ ଜିଲା ଶିକ୍ଷାଧିକାରି ରାମଚନ୍ଦ୍ର ନାହାକ କୃତଜ୍ଞତା ଜଣାଇଥିଲେ । ଏହି ଶିବିରର ଅଭିଜ୍ଞତା ବିଷୟରେ ପରାମର୍ଶ ଦାତ୍ରି ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ପ୍ରଦିପ କୁମାର ପଣ୍ଡା, ରାଜେନ୍ଦ୍ର ମହାପାତ୍ର ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଶ୍ରୀ ଲିଙ୍ଗେଶ୍ୱର ପତ୍ରିକା ଉନ୍ମୋଚନ

କୋରେଇ,୧୪।୩(ନି.ପ୍ର): ବାବା ଲିଙ୍ଗେଶ୍ୱର ପୀଠର ଚଳିତ ବର୍ଷ ଲିଙ୍ଗେଶ୍ୱର ଉନ୍ନୟନ କମିଟି ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଆଜି ପୂର୍ବାହ୍ନରେ ଶ୍ରୀ ଲିଙ୍ଗେଶ୍ୱର ପତ୍ରିକା ଉନ୍ମୋଚିତ କରାଯାଇଛି । ଏଥି ସହିତ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ଦୈତାରୀ ଧଳଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଗୁରୁଜୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଂଚଳନାରେ ମୁଖ୍ୟ ଅତିଥିଭାବେ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧ୍ୟାପକ ଶିବ ଚରଣ ମାଝୀ, ସମ୍ମାନୀତ ଅତିଥିଭାବେ ଚାହାଣୀର ସମ୍ପାଦକ ଡଃ ଚନ୍ଦ୍ରକାନ୍ତ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ମେଜର ଚିନ୍ତାମଣୀ ଭାରତୀ, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ବିଇଓ ଶରତ ଚନ୍ଦ୍ର ରାଉତ, ସମ୍ମାନୀତ ବକ୍ତାଭାବେ ବିଶିଷ୍ଟ କବି ଡଃ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । କବି ବୃନ୍ଦାବନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିତ୍ୟାନନ୍ଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର ଶ୍ରୀ ଲିଙ୍ଗେଶ୍ୱର ସୁବର୍ଣ୍ଣ ଜୟନ୍ତୀ ସ୍ମରଣୀକା ପତ୍ରିକା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ କବି କ୍ଷେତ୍ରବାସୀ ସାହୁଙ୍କୁ କମଳ ଭିତରେ ଭ୍ରମର ବନ୍ଦୀ ମଧ୍ୟ ଉନ୍ମୋଚିତ ହୋଇଥିଲା । କବି ବିନୋଦ ବିହାରୀ ସାହୁ, ଦୟାନିଧି ନାୟକ, ସରୋଜ କୁମାର ଶତପଥିଙ୍କ ସଂଚାଳନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଶତାଧିକ କବି ଯୋଗଦେଇ ସେମାନଙ୍କ କବିତା ଆବୃତି କରିଥିଲେ ।

# ଚାଷୀଙ୍କ ଧାନବିକା ସମସ୍ୟା ସମାଧାନ ପାଇଁ ଆବଶ୍ୟକ ଦେଢ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ

କେନ୍ଦ୍ରାପଡା ,୧୪।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାକୁ ରାଜ୍ୟ ସରକାର ଅଧିକ ପ୍ରାୟ ଦେଢ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦେଲେ ଜିଲ୍ଲାର ଚାଷୀମାନଙ୍କ ଧାନବିକା ସମସ୍ୟା ସମାଧାନ ହୋଇପାରିବ ବୋଲି ସୂଚନା ମିଳିଛି । ଜିଲ୍ଲାର ୧୦୮ ମଣ୍ଡିରେ ଓ ଚାଷୀ ମାନଙ୍କର ଘରେ ଗଚ୍ଛିତ ଥିବା ଧାନ ବିକ୍ରିହୋଇ ପାରୁନଥିବା ବେଳେ ପ୍ୟାକ୍ସର କର୍ମକର୍ତା ମାନେ ଟାର୍ଗେଟ ଅଭାବରୁ ଏହି ସମସ୍ୟା ଉପୁଜିଥିବା ପ୍ରକାଶ କରୁଥିବା ବେଳେ ଧାନବିକା ସମସ୍ୟାକୁ ନେଇ ବିଭିନ୍ନ ଚାଷୀ ସଂଗଠନ ଓ ଚାଷୀମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ଏ ସମସ୍ୟାର ସମାଧାନ ପାଇଁ ଜିଲ୍ଲା କାର୍ଯ୍ୟାଳୟକୁ ଦୌଡୁଛନ୍ତି । କେଉଁଠି ଟୋକନ ପାଇଥିବା ଚାଷୀମାନେ ଟାର୍ଗେଟ ଅଭାବରୁ ଧାନ ବିକି ପାରୁନଥିବା ବେଳେ ଅନ୍ୟ କେଉଁଠି ପାଇଥିବା ଟୋକନ କ୍ୟାନସେଲ ହୋଇଯାଇ ଥିବାରୁ ମଣ୍ଡିରେ ଧାନ ଗଦାକରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଗତବର୍ଷ ଜିଲ୍ଲାରେ ୮ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତ ବର୍ଷ ବର୍ତମାନ ସୁଦ୍ଧା ୯ ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ ବିଭିନ୍ନ ପ୍ୟାକ୍ସ ମାଧ୍ୟମରେ ସଂଗ୍ରହ କରାଯାଇଛି । ତଥାପି ବିଭିନ୍ନ ମଣ୍ଡିରେ ଓ ଚାଷୀଙ୍କ ଘରେ ଗଚ୍ଛିତ ଥିବା ଧାନ ଓ ଟୋକନ ପାଇଥିବା ଚାଷୀଙ୍କ ପରିମାଣକୁ ଆକଳନ କଲେ ଅଧିକ ଦେଢ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କଲେ ଜିଲ୍ଲାର ଚାଷୀମାନଙ୍କ ଧାନବିକା ସମସ୍ୟା ସମାଧାନ ହୋଇପାରିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି ।

# ଭଦ୍ରକ ଜିଲାରେ କୋଭିଡ ପରିଚାଳନା: ରୋକି ହେଲାନି ସଂକ୍ରମଣ, ନିୟନ୍ତ୍ରଣରେ ଉଡ଼ିଗଲା ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା

ଭଦ୍ରକ,୧୪।୩ (ନି.ପ୍ର): ସରକାରଙ୍କ ସମସ୍ତ ସତର୍କତା ଏବଂ ସଚେତନତା ସତ୍ତ୍ୱେ ଭଦ୍ରକ ଜିଲ୍ଲାରେ ରୋକି ହେଲାନି କୋଭିଡ ସଂକ୍ରମଣ । ସରକାରୀ ସୁଚନା ମୁତାବକ ଜିଲ୍ଲାରେ ପ୍ରାୟ ୮ ହଜାର ପାଖାପାଖି କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେଥିରୁ ମାତ୍ର ୨୫ ଜଣଙ୍କର ମୃତ୍ୟୁ ଘଟିଛି । ତେବେ କୋଭିଡ ପରୀକ୍ଷା ପ୍ରାୟ ୩ ଲକ୍ଷ ସୀମା ଛୁଇଁଛି । ଅନ୍ୟପକ୍ଷରେ ସରକାରୀ ଭାବେ ଜିଲ୍ଲାରେ ଯେତିକି ସଂକ୍ରମିତ ଚିହ୍ନଟ ହୋଇଛନ୍ତି ତାଠୁ ଢେର ଅଧିକ ଲୋକ କୋଭିଡ ସଂକ୍ରମିତ ହୋଇ ଘରୋଇ ଚିକିତ୍ସାରେ ରହି ଭଲ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ସରକାରୀ ହିସାବ ଠାରୁ ଯଥେଷ୍ଟ ଅଧିକ କୁହାଯାଉଛି । ତଥାପି ସରକାରଙ୍କ କୋଭିଡ ନିୟନ୍ତ୍ରଣ ଏବଂ ପରିଚାଳନାରେ ଜିଲ୍ଲା ପ୍ରଶାସନ ଖର୍ଚ୍ଚ କରି ଦେଲେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା । ଯାହାର ଟିକିନିଖି ହିସାବ ଖୋଜିଲେ ଯଦିବା ମିଳୁନାହିଁ, ତେବେ ଯେତିକି ଖର୍ଚ୍ଚର ହିସାବ ମିଳୁଛି ତାକୁ ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ । କୋଭିଡ ପରିଚାଳନା, ପ୍ରବାସୀଙ୍କୁ ସଙ୍ଗରୋଧରେ ରଖିବା ସେମାନଙ୍କ ରହିବା,ଖାଇବା ଏବଂ ସଙ୍ଗରୋଧ ଭତାରେ ସରକାରଙ୍କୁ ଅନ୍ୟୁନ ୫୦ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ କରିବାକୁ ପଡିଛି । ଏହି ସୁଚନା ଅନୁଯାଇ କୋଭିଡ ନିୟନ୍ତ୍ରଣ ସକାସେ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ କେୟାର ସେଂଟର,କୋଭିଡ ହସପିଟାଲକୁ ବାଦ ଦେଇ କେବଳ ୬୩୧ଗୋଟି ଟିଏମସି ପ୍ରସ୍ତୁତ କରାଯାଇଥିଲା । ପ୍ରତି ଟିଏମସିରେ ପାଣି, ପାଇଖାନା, ବିଜୁଳି, ଖଟ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ସକାସେ ସରକାରଙ୍କ ପକ୍ଷରୁ ଟିଏମସି ପିଛା ୫ ଲକ୍ଷ ଟଙ୍କା ହିସାବରେ ୩୧ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରାଯାଇଥିଲା । ସେହିଭଳି ଅନ୍ତେବାସୀଙ୍କ ଖାଦ୍ୟପେୟ ବାବଦକୁ ମୁଣ୍ଡ ପିଛା ୧୨୦ ଟଙ୍କା ହିସାବରେ ୪ ମାସରେ ସରକାରଙ୍କୁ ପ୍ରାୟ ୬ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିବା ବେଳେ ପ୍ରବାସୀଙ୍କ ସାବୁନ, ତେଲ, ବ୍ରସ, ପେଷ୍ଟ ରେ ୧ କୋଟି ୩୫ ଲକ୍ଷ ଏବଂ ବିଛଣାସଜରେ ୧ କୋଟି ୩୦ ଲକ୍ଷ ଏହିପରି ପ୍ରାୟ ୫୦ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଛି । କରୋନା ବେଳେ ସଙ୍ଗରୋଧରେ ରହିଥିବା ପ୍ରାୟ ୪୫ ହଜାର ପ୍ରବାସୀଙ୍କ ପିଛା ଏହି ଅର୍ଥ ଖର୍ଚ୍ଚ କରାଯାଇଥିବା କୁହାଯାଇଛି । ଏହି ଖର୍ଚ୍ଚ ସହିତ ସଙ୍ଗରୋଧିକାରୀଙ୍କ ସଙ୍ଗରୋଧ ଭତା ସାମିଲ କରାଗଲେ ଏହି ଖର୍ଚ୍ଚ ଆହୁରୀ ଅଧିକ ହେବ କୁହାଯାଉଛି । ସରକାରୀ ହିସାବ ଅନୁଯାଇ ଗତ ମଇ, ଜୁନ, ଜୁଲାଇ ଏବଂ ଅଗଷ୍ଟ ୪ ମାସରେ ଏହି ଅର୍ଥ ଖର୍ଚ୍ଚ କରାଯାଇଛି । ତେବେ ଟିଏମସି ଭିଭୂମି ବିକାଶ ଏବଂ ସଙ୍ଗରୋଧକାରୀଙ୍କ ସକାସେ କିଣାଯାଇଥିବା ସପ-ମସିଣା, ବାଲତି, ମଗ, ଖଟ ଏବଂ ବିଜୁଳି ସରଞ୍ଜାମ ଏବେ ଖୋଜିଲେ ତାହାର ଚିହ୍ନବର୍ଣ୍ଣ ମିଳନଥିବା କୁହାଯାଇଛି । ଟିଏମସି ଦାୟିତ୍ୱରେ ଥିବା କେତେକ ସରପଂଚମାନଙ୍କ କହିବା ଅନୁଯାଇ ଟିଏମସି ବନ୍ଦ ହେବା ପରେ କିଛି ସଂଗରୋଧକାରୀ ଘରକୁ ଫେରିବା ସମୟରେ ଏହି ଜିନିଷ ସେମାନଙ୍କ ସାଙ୍ଗରେ ନେଇଯାଇଥିବା କହୁଥିବା ବେଳେ ଆଉକେତେକ ସଂକ୍ରମଣ ଆଶଙ୍କା କରି ଏହି ସବୁ ଜିନିଷକୁ ନଷ୍ଟ କରିଦିଆଯାଇଛି ବୋଲି ସଫେଇ ଦେଇଛନ୍ତି । ତେବେ ସରକାରୀ ଯାଂଚ ଆଶଙ୍କାରେ ଟିଏମସିର କିଛି ଜିନିଷ ଏବେ ମଧ୍ୟ ବିଭିନ୍ନ ପଂଚାୟତ ଗୃହ ନଚେନ ଅସ୍ଥାଇ ଟିଏମସି ଗୃହରେ ପକାଇ ରଖାଯାଇଥିବା କୁହାଯାଉଛି । ତେବେ ଜିଲ୍ଲାରେ ଟିଏମସି ପ୍ରତିଷ୍ଠା ଏବଂ ଏହାର ଭିତିଭୂମି ବିକାଶ ଏବଂ ସଙ୍ଗରୋଧକାରୀଙ୍କ ବ୍ୟବହାର ସକାସେ ଉଦ୍ଦିଷ୍ଟ ଏହି ଖର୍ଚ୍ଚ ବାଦ ପ୍ରବାସୀଙ୍କୁ ସେମାନଙ୍କ ଘରକୁ ପଠାଇବା ପରିବହନ ଖର୍ଚ୍ଚ ଏବଂ ସେମାନଙ୍କୁ ଦିଆଯାଇଥିବା ଖାଦ୍ୟପେୟ ବାବଦକୁ ଅଧିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଏହାର ସୁବିସ୍ତୃତ ତଥ୍ୟ ମିଳିବା ସମ୍ଭବ ହୋଇପାରି ନାହିଁ । ତଥାପି ଜିଲ୍ଲାରେ କୋଭିଡ ପରିଚାଳନାରେ ସରକାରୀଭାବେ ଯେତିକି ଟଙ୍କା ଖର୍ଚ୍ଚ ହୋଇଛି ତାର ଟିକିନିଖ ହିସାବ ହେଲେ ସରକାରୀ ପ୍ରଦତ ଅର୍ଥର ୫୦ ପ୍ରତିଶତ ଅର୍ଥ ବାଟମାରଣା ହୋଇ ଯାଇଥିବା ଅଭିଯୋଗ ହୋଇଛି । ଯାହାର ଉଚ୍ଚସ୍ତରିୟ ତଦନ୍ତ ଦାବି କରାଯାଇଛି । କାରଣ ଭଦ୍ରକ ଜିଲ୍ଲାରେ କୋଭିଡ ପରିଚାଳନାରେ ସବୁଠାରୁ ବଡ ଘୋଟାଲା ଟିଏମସି ପରିଚାଳନାରେ ହୋଇଥିବା ଚର୍ଚ୍ଚା ହେଉଛି ।

# ଫାମ୍ପୁଣି ଜଙ୍ଗଲରେ ନିଆଁ

ଜୟପୁର,୧୪।୩ (ନି.ପ୍ର): ଜୟପୁର ବନଖଣ୍ଡ ଅନ୍ତର୍ଗତ ଫାମ୍ପୁଣି ଜଙ୍ଗଲରେ ନିଆଁ ଜଳୁଥିବା ଖବର ପାଇଁ ସ୍ଥାନିୟ ଲୋକେ ସାହାସିକତାତ ସହିତ ଜଙ୍ଗଲକୁ ଯାଇ ନିଆଁ ଲିଭାଇବାରେ ସାମିଲ ହୋଇଛନ୍ତି । ଜୟପୁର ବ୍ଲକ ଫାମ୍ପୁଣି ସରପ । ପ୍ରତିମା ନାୟଙ୍କ ସମେତ ଗ୍ରାମବାସସୀ ସମିଲ ହୋଇ ନିଆଁ ଲିଭାଇବାରେ ସାମିଲ ହୋଇଛନ୍ତି । ସେପଟେ ବନ ବିଭାଗ ପକ୍ଷରୁ ମାତ୍ର ୨ ଜଣ ବନ କର୍ମଚାରି ଉପସ୍ଥିତ ଥିବା ଜଣାଯାଇଛି । ଫାମ୍ପୁଣିରେ ଶାଳ ଜଙ୍ଗଲ ହୁ ହୁ ନିଆଁ ଜଳିବା ପରେ ଡିଏଫଓଙ୍କୁ ଖବର ଦେଇଥିଲେ । ଗ୍ରାମବାସୀଙ୍କ ସହ ସରପଂଚ ମିଶି ଜଙ୍ଗଲକୁ ଯାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ।

# ସଙ୍ଗରୋଧ କେନ୍ଦ୍ରର ଭିତ୍ତିଭୂମି ନିର୍ମାଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ !

## ଦୁର୍ନୀତି ଢାଙ୍କିବାକୁ ଚୋରି ନାଟକ : ଉଚ୍ଚସ୍ତରୀୟ ତଦନ୍ତ ଦାବି

ସଇନ୍ତଳା : ପ୍ରବାସୀ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତି ସଙ୍ଗରୋଧ କେନ୍ଦ୍ରରେ ପଞ୍ଚଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ସରକାର ଅନୁମତି ଦେଇଥିଲେ । ସଇଁନ୍ତଳା ବ୍ଲକ୍‌ର ବିଭିନ୍ନ ପଂଚାୟତରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରଗୁଡ଼ିକରେ ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି । ଦୁର୍ନୀତି ଢାଙ୍କିବାକୁ ଏବେ ଚୋରି ନାଟକ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ସଇନ୍ତଳା ବ୍ଲକ୍ କନ୍ଧକେଲଗାଁ ବାପୁଜୀ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ୪ ଲକ୍ଷ ୮୪ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ତଥ୍ୟ ଦିଆଯାଇଛି । ଏକ ସିନଟେକ୍ସ ଟାଙ୍କି ୪୫ହଜାର, ଏକ ବେସିନ ୨୦ହଜାର ଟଙ୍କାରେ କିଣାଯାଇଥିବା ଦର୍ଶାଯାଇଛି । କେରମେଲି ପଂଚାୟତ ହାଇସ୍କୁଲରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ପାଇଖାନା ନିର୍ମାଣ କରାଯାଇଥିବା ଦର୍ଶାଯାଇଥିବା ବେଳେ ଉକ୍ତ ପାଇଖାନାଟି ବର୍ତ୍ତମାନ ବ୍ୟବହାର ଉପଯୋଗୀ ନାହିଁ । ୨ ଲକ୍ଷ ୫୦ ହଜାର ଟଙ୍କାରେ ବିଭିନ୍ନ ପ୍ରକାରର ନିର୍ମାଣ କାର୍ଯ୍ୟ କରାଯାଇଥିବା ଦର୍ଶାଯାଇଥିବା ବେଳେ ସଙ୍ଗରୋଧ କେନ୍ଦ୍ରରେ ରଙ୍ଗ ମଧ୍ୟ ଦିଆଯାଇ ନାହିଁ । ସଙ୍ଗରୋଧ କେନ୍ଦ୍ରରେ ଲଗାଯାଇଥିବା ଇନଭର୍ଟର ଓ ପାଣି ମଟର ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି । କୁଇକେଡ଼ା ପଂଚାୟତ ରେଙ୍ଗାଲି ହାଇସ୍କୁଲ କେନ୍ଦ୍ରରେ ୪ଲକ୍ଷ ୫୨ ହଜାର ୬୯୦ ଟଙ୍କା ବ୍ୟୟରେ ପାଇଖାନା ଓ ଗାଧୁଆ ଘର ନିର୍ମାଣ ହୋଇଥିବା ଦର୍ଶାଯାଇଛି । ବେଡ଼ସିଟ, ତକିଆ ତଥା ଖଟ କିଣିବା ପାଇଁ ୮୯ ହଜାର ୭୫୯ ଟଙ୍କା ଖର୍ଚ୍ଚ ହୋଇଛି । ସେହିଭଳି କରମତଲା ପଂଚାୟତରେ ବିଦ୍ୟୁତ୍‌କରଣ, ଜଳ ଯୋଗାଣ, ଖଟ, ତକିଆ, ବେଡ଼ସିଟ, ଗଦି ତଥା ସାନିଟାଇଜେସନ ଓ ସଫେଇ ପାଇଁ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ନିର୍ମାଣ କାର୍ଯ୍ୟରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ବିଷୟରେ ବିଲ୍ ପ୍ରସ୍ତୁତ ହୋଇନଥିବା ଦର୍ଶାଯାଇଛି । ସୁରକ୍ଷା ତଥା କେନ୍ଦ୍ରରେ କାମ କରୁଥିବା ଶ୍ରମିକଙ୍କ ପାଉଣା ଏକ ଲକ୍ଷ ଟଙ୍କା ଏବଂ ଖାଇବା ବାବଦକୁ ୨ଲକ୍ଷ ୨୪ହଜାର ସାତଶହ ତିରିଶ ଟଙ୍କା ଖର୍ଚ୍ଚ ହୋଇଛି । ଭଦ୍ରା ପଂଚାୟତରୁ ତିନିଗୋଟି ଟେବୁଲ ପଙ୍ଖା, ଏଲଇଡି ବଲ୍‌ବ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ତାଲବାହାଲ ପଂଚାୟତ ସଙ୍ଗରୋଧ କେନ୍ଦ୍ରରେ ରାତ୍ର ଜଗୁଆଳି କାମ କରୁଥିବା ବ୍ୟକ୍ତିଙ୍କୁ ତାଙ୍କ ପାଉଣା ଦିଆଯାଇ ନଥିବାରୁ ମାମଲା ଥାନାରେ ପହଞ୍ଚି ସାରିଛି । ବିଭିନ୍ନ ସ୍କୁଲରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରର ଅବଧି ସରିବା ପରେ ଉକ୍ତ ବିଦ୍ୟାଳୟମାନଙ୍କୁ ସାନିଟାଇଜ କରି ତାକୁ ରଙ୍ଗ ଦେବା କଥା । କିନ୍ତୁ ବର୍ତମାନ ସୁଦ୍ଧା କୌଣସି ବିଦ୍ୟାଳୟରେ ଏହା ହୋଇନଥିବା ଅଭିଯୋଗ ହେଉଛି । ସଙ୍ଗରୋଧ କେନ୍ଦ୍ରମାନଙ୍କରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।

# ଇଂଜିନିୟରିଂ ଓ ପଲିଟେକନିକ୍ ପିଲାଙ୍କ ହଷ୍ଟେଲ ଫି' ଛାଡ଼

ଭୁବନେଶ୍ୱର,୧୪।୩ (ନି.ପ୍ର): ମହାମାରୀ କରୋନା ପାଇଁ ଇଂଜିନିୟରିଂ ଓ ପଲିଟେକନିକ୍ ପିଲା ହଷ୍ଟେଲ ଫି ଛାଡ଼ କଲେ ରାଜ୍ୟ ସରକାର । ୨୦୨୦ ଏପ୍ରିଲରୁ ୨୦୨୦ ଡିସେମ୍ବର ଯାଏ ବନ୍ଦ ରହିଥିଲା ହଷ୍ଟେଲ । ପ୍ରାୟ ୧୭୦୧୨ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି ଛାଡ଼ ଘୋଷଣା ହେବ । ୧୭୦୧୨ ଛାତ୍ରଛାତ୍ରୀଙ୍କ ପ୍ରାୟ ୫ କୋଟି ୧୦ ଲକ୍ଷ ଟଙ୍କା ଫି ଛାଡ଼ କଲେ ରାଜ୍ୟ ସରକାର ।



ପୂର୍ବରୁ ଆଇଟିଆଇ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି ଛାଡ଼ କରିଥିଲେ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ସରକାରୀ ଆଇଟିଆଇରେ ପଢୁଥିବା ଛାତ୍ରଛାତ୍ରୀଙ୍କ ୯ ମାସର ହଷ୍ଟେଲ ଫି' ଛାଡ଼ କରାଯାଇଥିଲା । ଯାହାଦ୍ୱାରା ୩୦ ହଜାର ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ । ସେହିପରି ମ୍ୟାଟ୍ରିକ ପରୀକ୍ଷା ଫି' ଛାଡ଼ ଘୋଷଣା କରିଥିଲେ ରାଜ୍ୟ ସରକାର । ଏହା ଦ୍ୱାରା ୬ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ । ଫି' ଛାଡ଼ ପାଇଁ ୨୭ କୋଟି ବ୍ୟୟଭାର ବହନ କରିବେ ସରକାର । ମ୍ୟାଟ୍ରିକ୍ ପରୀକ୍ଷା ପାଇଁ ପ୍ରତି ପିଲାଙ୍କୁ ୪୨୦ ଟଙ୍କା ଫି' ଦେବାକୁ ପଡ଼ିଥାଏ । ମହାମାରୀ କରୋନା ପାଇଁ ୨୦୨୦-୨୧ ଶିକ୍ଷା ବର୍ଷ ପ୍ରଭାବିତ ହୋଇଥିଲା ।

